ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୨୭ ଅଗଷ୍ଟ, ୨୦୨୧

## ଜମିରୁ ଶ୍ରମିକଙ୍କ ମୃତଦେହ ଜବତ

କାଶୀନଗର,୨୬।୮(ଡି.ଏନ.ଏ.)-କାଶୀନଗର ଥାନା ଅନ୍ତର୍ଗତ କିଡ଼ିଗାଁ ଗ୍ରାମର ଜଣେ କୃଷି ଶ୍ରମିକ ଇପିଲି ଶ୍ରୀନୁଙ୍କ ମୃତଦେହକୁ ଗୋରୀବନ୍ଧା ପଞ୍ଚାୟତ ଭୂପତି ଲକ୍ଷ୍ମୀପୁର ଗ୍ରାମର ଜଣଙ୍କ ଜମିରୁ ପୋଲିସ ଜବତ କରିଛି। ଶ୍ରୀନୁଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ। ଗତ ୨୪ ତାରିଖଠାରୁ ଶ୍ରୀନୁ ନିଖୋଜ ଥିଲେ। ପରିବାର ଲୋକେ ଖୋଜ୍‌ଖବର ପାଇନଥିଲେ। ଥାନାରେ ଅପମୃତ୍ୟୁ ମାମଲା ନଂ. ୪/୨୧ରେ ରୁଜୁ ହୋଇଥିବା ଥାନାଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଅବକାରୀ, ପୋଲିସର ମିଳିତ ଚଢ଼ାଉ, ୨ ଗିରଫ

ବୁଗୁଡ଼ା,୨୬।୮(ଡି.ଏନ.ଏ.):ବୁଗୁଡ଼ା ଥାନା ଅନ୍ତର୍ଗତ ସମଲେଇ ନିକଟବର୍ତ୍ତୀ ବିଭିନ୍ନ ଜଙ୍ଗଲରେ ମଦ ପାଇଁ ପ୍ରସ୍ତୁତ ହେବାକୁ ଥିବା ୩୫୦୦ ଲିଟର ପୋଚ ନଷ୍ଟ ସହ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଏଥିସହ ୨ ଜଣଙ୍କଠାରୁ ୨୨ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ବୁଗୁଡ଼ା ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ନେତୃତ୍ୱରେ ଭଞ୍ଜନଗର ଓ ବୁଗୁଡ଼ା ଅବକାରୀ ବିଭାଗ ଏବଂ ପୋଲିସ ପକ୍ଷରୁ ଗୁରୁବାର ଏହି ମିଳିତ ଚଢ଼ାଉ କରାଯାଇଥିଲା। ଗିରଫ ୨ ଅଭିଯୁକ୍ତ ସମଲେଇ ଗ୍ରାମର ଉତ୍ତମା ନାୟକ ଓ ରାମଚନ୍ଦ୍ର ନାୟକଙ୍କ ନାମରେ ଅବକାରୀ ଥାନାରେ ଦୁଇଟି (ନଂ.୨୦, ୨୧ /୨୧-୨୨) ମାମଲା ରୁଜୁ ହୋଇଛି। ସେମାନଙ୍କଠାରୁ ମଧ ୨୨ ଲିଟର ଦେଶୀମଦ ଜବତ ହୋଇଛି। ତହସିଲଦାରଙ୍କ ତତ୍ତ୍ୱାବଧାନରେ ଭଞ୍ଜନଗର ଅବକାରୀ ଥାନାଧିକାରୀ ରମ୍ଭା ବାଘ, ବୁଗୁଡ଼ା ଅବକାରୀ ଥାନାଧିକାରୀ ବ୍ରହ୍ମାନନ୍ଦ ଭୋଇ ଓ ସ୍ଥାନୀୟ ପୋଲିସ ପ୍ରଶାସନ ଚଢ଼ାଉରେ ସାମିଲ ଥିଲେ।

### ନୂତନ ବ୍ଲକ ଶିକ୍ଷାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

କାଶୀନଗର,୨୬।୮(ଡି.ଏନ.ଏ.):କାଶୀନଗରରେ ନୂତନ ବ୍ଲକ ଶିକ୍ଷାଧିକାରୀ ଭାବେ ଆଦିକନ୍ଦ ଗମାଙ୍ଗ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ବିଇଓ ହୃଷୀକେଶ ବିଶ୍ୱାଳ ଅବସର ଗ୍ରହଣ କରିବା ପରେ ଉକ୍ତ ପଦବୀ ଖାଲି ପଡ଼ିଥିଲା। ଗୋଷାଣୀରେ ବିଆରସି ଥିବା ଗମାଙ୍ଗ ପଦୋନ୍ନତି ପାଇ କାଶୀନଗରର ନୂତନ ବିଇଓ ନିଯୁକ୍ତି ପାଇବା ପରେ କାଶୀନଗରର ଶିକ୍ଷାର ଉନ୍ନତି ହେବ ବୋଲି ଆଶା କରାଯାଉଛି।

### ରକ୍ତ ଦେଇ ମହିଳାଙ୍କ ଜୀବନ ବଞ୍ଚାଇଲେ ସନାତନ

ଭଞ୍ଜନଗର,୨୬।୮(ଡି.ଏନ୍.ଏ.): ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲରେ ଗତ ସୋମବାରଠାରୁ ରୁଢ଼ାପଦର ଗ୍ରାମର ପ୍ରକାଶ ମଲିକଙ୍କ ସ୍ତ୍ରୀ ସସ୍ମିତା ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଛନ୍ତି। ରକ୍ତହୀନତାରେ ପୀଡ଼ିତ ସହ ହିମୋଗ୍ଲୋବିନ ବହୁତ କମ ଥିବାରୁ ତୁରନ୍ତ ସସ୍ମିତାଙ୍କୁ ୩ ୟୁନିଟ 'ଏ' ପଜିଟିଭ ରକ୍ତଦେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ପରିବାର ବର୍ଗ ବହୁ ଖୋଜାଖୋଜି କରିବା ପରେ ୨ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ବୁଧବାର ଯୋଗୀମାରି ଗ୍ରାମର ସନାତନ ବିଷୋୟୀ ଆଉ ୧ ୟୁନିଟ ରକ୍ତଦାନ କରିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିପଦର ବନ୍ଧୁର ସଦସ୍ୟ ଅରକ୍ଷିତ ପରିଛାଙ୍କ ଠାରୁ ଖବରପାଇ ସାମାଜିକ କର୍ମୀ ନିଲୁ ବିଷୋୟୀଙ୍କ ସହଯୋଗରେ ସେ ଭଞ୍ଜନଗର ରକ୍ତ ଭଣ୍ଡାରରେ ପହଞ୍ଚି ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏହି ରକ୍ତ ସସ୍ମିତାଙ୍କୁ ଦିଆଯାଇଥିଲା। ସସ୍ମିତାଙ୍କ ସ୍ୱାମୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

### ଲୁଙ୍ଗୁରୀ ସେବା ସମବାୟ ସମିତି କାର୍ଯ୍ୟକ୍ଷମ ଦାବି

ଛତ୍ରପୁର,୨୬।୮(ଡି.ଏନ.ଏ.): ଗଞ୍ଜାମ ବ୍ଲକ ମଲାଡ ପଞ୍ଚାୟତ ଅନ୍ତର୍ଗତ ଲୁଙ୍ଗୁରୀ, କାଠପଡା, ପଣିବନ୍ଧ, କୁଶପଲ୍ଲି ଓ ଚୈତନ୍ୟପୁର ଗ୍ରାମର ଚାଷୀମାନେ ଅଚଳ ଅବସ୍ଥାରେ ଥିବା ଲୁଙ୍ଗୁରୀ ସେବା ସମବାୟ ସମିତି କାର୍ଯ୍ୟକ୍ଷମ ପାଇଁ ଜିଲାପାଳଙ୍କୁ ଭେଟି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ୫ ଖଣ୍ଡ ଗ୍ରାମର ଚାଷୀ ଓ ମହିଳା ଏସ୍‌ଏଚଜି ଗୁଡ଼ିକ କୌଣସି ସୁବିଧା ପାଇ ନ ପାରି ଖରିଫ ଋଣ, ରବି ଋଣ ଓ ବ୍ୟବସାୟିକ ଋଣରୁ ବଞ୍ଚିତ ହେଉଛନ୍ତି। ସରକାର ଚାଷୀମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ କରୁଥିଲେ ମଧ୍ୟ ଏଥିରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଲୁଙ୍ଗୁରୀ ସେବା ସମବାୟ ସମିତି କାର୍ଯ୍ୟକ୍ଷମ କରାଇବାକୁ ଚାଷୀମାନେ ଦାବି କରିଛନ୍ତି।

# ବର୍ଷେ ଗଲାନି, ଉଠିଗଲା ପିଚୁ

ଫୁଲବାଣୀ ଅଫିସ, ୨୬।୮

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା



ରାସ୍ତାରୁ ପିଚୁ ଉଠି ଯାଇଛି।

ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଉନ୍ନତମାନର ରାସ୍ତା କରାଯିବା ହେଉଛି ସରକାରଙ୍କ ଲକ୍ଷ୍ୟ । ଏହି ରାସ୍ତା କାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ବିଭିନ୍ନ ସମୟରେ କେନ୍ଦ୍ରରୁ ବୈଷୟିକ ଟିମ୍ ଆସି ମାନ ପରୀକ୍ଷଣ କରୁଛନ୍ତି । ହେଲେ କାମ ଯେପରି ହେବା କଥା ତାହା ହେଉନାହିଁ ଅଧିକାଂଶ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଗ୍ୟାରେଣ୍ଟି ପିରିୟଡ ପର୍ଯ୍ୟନ୍ତ ଯାଉନାହିଁ । କାମ କରାଯିବାର ମାତ୍ର ବର୍ଷେ ବି ରାସ୍ତା ଯାଉ ନାହିଁ । କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ଏଭଳି ଘଟଣା ଦେଖିବାକୁ ମିଳିଛି। ପବିଙ୍ଗିଆ ଛକଠାରୁ ନେଡିପଦର-ଲାମ୍ବାଗୁଡାରୀ ପର୍ଯ୍ୟନ୍ତ ହୋଇଥିବା ପ୍ରଧାନମନ୍ତ୍ରୀ ସଡକରୁ ପିଚୁ ଉଠି ଗଲାଣି । ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଫିରିଙ୍ଗିଆ-ବାଲିଗୁଡା ରାସ୍ତା, ପବିଙ୍ଗିଆ ଛକଠାରୁ ନେଡିପଦର-ଲାମ୍ବାଗୁଡାରୀ ପର୍ଯ୍ୟନ୍ତ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ହୋଇଥିଲା । ମୋଟ ୬.୩୯୦ କି.ମି. କାମ ହୋଇଥିବା ରାସ୍ତାରେ ୨୮୬.୨୧ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୧୭ ଅକ୍ଟୋବର ୧୮ରୁ କାମ ଆରମ୍ଭ ହୋଇଥିଲା । ୨୦୧୮ ଜୁଲାଇ ୧୭ ସୁଦ୍ଧା କାମ ସରିବା କଥା । କିନ୍ତୁ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଖାମଖିଆଲ ମନୋଭାବ ଯୋଗୁ କାମ ଠିକ୍ ସମୟରେ ସରି ନ ଥିଲା । ୨୦୨୦ ଜୁଲାଇରେ କାମ ଶେଷ ହୋଇଥିଲା । ସେତେବେଳେ କାମରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ହେଁ ସେମାନଙ୍କ କଥାକୁ ଗୁରୁତ୍ୱ ଦିଆଯାଇ ନ ଥିଲା । କାମ ସରିବାର ୫ ବର୍ଷ ପର୍ଯ୍ୟନ୍ତ ରାସ୍ତାର ଗ୍ୟାରେଣ୍ଟି ପିରିୟଡ ରହିଛି। ଅର୍ଥାତ ଏହି ସମୟ ମଧ୍ୟରେ ରାସ୍ତା ଖରାପ ହେଲେ ଠିକାଦାର ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ମରାମତି କରିବେ । ମାତ୍ର କାମ ସରିବାର ବର୍ଷେ ନ ପୂରୁଣୁ ରାସ୍ତା ମଝିରୁ ପିଚୁ ଉଠିଗଲାଣି । ନିମ୍ନ ମାନର କାମ ପାଇଁ ରାସ୍ତା ଉପରୁ ଚିପ୍‌ସ ଓ ପିଚୁ ଉଠି ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାସ୍ତାର ମଧ୍ୟଭାଗ ଘାଟି ପାଖରେ ଅତି ଖରାପ ହୋଇଯାଇଥିବାରୁ ସେଠାରେ ଛୋଟ ବଡ ଦୁର୍ଘଟଣା ଘଟୁଛି ।

ଏହି ରାସ୍ତା ଉପରେ ଦଣି, ପଥଖୋଲ, ଲାମପଦର, ଲାମ୍ବାଗୁଡରୀ, ପାଣ୍ଡୁପଦର ଭଳି ୧୦ରୁ ୧୨ ଖଣ୍ଡ ଗାଁ ଲୋକେ ନିର୍ଭର କରି ଯାତାୟାତ କରିଥାନ୍ତି । ପୂର୍ବରୁ ଗାଁକୁ ଯିବା ପାଇଁ ଭଲ ରାସ୍ତାଟିଏ ନ ଥିବାରୁ ଗ୍ରାମର ଲୋକେ ବହୁ କଷ୍ଟରେ ଯାତାୟାତ କରୁଥିଲେ। ଲୋକଙ୍କ କ୍ରମାଗତ ଦାବି ପରେ ଆରଡି ବିଭାଗ ଏହି ରାସ୍ତା କାମ ନେଇଥିଲା । କାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା । ମାତ୍ର ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁ କାମଟି ଅତି ନିମ୍ନମାନର ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମିଳିଲା ସହାୟକ ଉପକରଣ




ପ୍ରଧାନ ଶିକ୍ଷୟିତ୍ରୀ ସଲିଳା ଶତପଥୀ ଉପକରଣ ବଣ୍ଟନ କରୁଛନ୍ତି ।

ଭଞ୍ଜନଗର,୨୬।୮(ଡି.ଏନ.ଏ)

ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ ଓ ତାଲିମ ଦିଆଯାଇଛି। ଭଞ୍ଜନଗର ଏବିଇଓ ସୂର୍ଯ୍ୟ ନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମଗ୍ର ଶିକ୍ଷା ଜିଲା ସଂଯୋଜକ ତପନ କୁମାର ସାହୁ ମୁଖ୍ୟବକ୍ତା, ବିଆର୍‌ସିସି ହୃଷୀକେଶ ସ୍ୱାଇଁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଲିଳା ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ବୁଗୁଡ଼ା, ଜଗନ୍ନାଥପ୍ରସାଦ, ସୋରଡ଼ା, ବେଲଗୁଣ୍ଠା, ଭଞ୍ଜନଗର ବ୍ଲକର ୬୬ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ। ଶିକ୍ଷକ ସୁନିଲ ଶତପଥୀ, ଏମ୍.ଡମ୍ବୁରୁଧର ଦୋରା, ବିଜୟ ବେହେରା, ଅଜୟ ସାହୁ, ରବୀନ୍ଦ୍ର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନିଲ ମୁଦୁଲି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଚିନ୍ମୟ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ସାରଦା ପ୍ରସନ୍ନ ଷଡ଼ଙ୍ଗୀ, ନିରଞ୍ଜନ ରାଜି, ରଞ୍ଜିତା ପଟ୍ଟନାୟକ ତାଲିମ ପ୍ରଦାନ କରିଥିଲେ ।

# ବ୍ୟାଙ୍କରେ ତାଲା ପକାଇଲେ ଗ୍ରାହକ

ଦାରିଙ୍ଗବାଡ଼ି,୨୬।୮(ଡି.ଏନ.ଏ)

## ବ୍ରାହ୍ମଣୀଗାଁରେ ବ୍ୟାଙ୍କ ସେବା ବିପର୍ଯ୍ୟସ୍ତ



ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ଅବ୍ୟବସ୍ଥାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଗୁରୁବାର ଶତାଧିକ ଗ୍ରାହକ ସହ ବ୍ୟାଙ୍କର ସମ୍ମୁଖ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦୀର୍ଘଦିନ ହେଲା ବ୍ୟାଙ୍କରେ କର୍ମଚାରୀ ଅଭାବ, ବାରମ୍ବାର ଲିଙ୍କ ଫେଲ, ଗ୍ରାହକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଥିବା ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଜମା ଖାତା ଖୋଲିବା ପାଇଁ ପ୍ୟାନ୍ କାର୍ଡ଼ ମଗାଯାଉଥିବା ପ୍ରତିବାଦରେ ଆନ୍ଦୋଳନ କରାଯାଇଛି। ଏହା ଅନିର୍ଦ୍ଦିଷ୍ଟ କାଳ ଚାଲିବ। ବିଭିନ୍ନ ସମସ୍ୟାର ସମାଧାନ ପରେ ବ୍ୟାଙ୍କ ଖୋଲାଯାଉ ବୋଲି ଗ୍ରାହକମାନେ ଅଭିଯୋଗ କରିଛନ୍ତି। ବ୍ୟାଙ୍କରେ ଜଣେ ଫିଲ୍ଡ ଅଫିସର ନ ଥିବାରୁ ଗ୍ରାହକମାନେ ହଇରାଣ ହେଉଛନ୍ତି। ପ୍ରିଣ୍ଟମେଶିନ ନ ଥିବାରୁ ଜମା ଖାତା ଗୁଡ଼ିକ ପ୍ରିଣ୍ଟ କରାଯାଉନାହିଁ । ବ୍ରାହ୍ମଣୀଗାଁକୁ ଗଜପତି ଜିଲାରୁ ୩୩ କେଭି ବିଦ୍ୟୁତ ସଂଯୋଗ ହୋଇଛି। ଦାରିଙ୍ଗବାଡ଼ି ବିଦ୍ୟୁତ କାର୍ଯ୍ୟାଳୟ ବିଲ ସଂଗ୍ରହ କରୁଛି। ହେଲେ ଗଜପତି ଏବଂ ଦାରିଙ୍ଗବାଡ଼ିର ବିଦ୍ୟୁତ କାର୍ଯ୍ୟାଳୟ ପକ୍ଷରୁ ସମନ୍ୱୟ ଅଭାବରୁ ବ୍ରାହ୍ମଣୀଗାଁରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେଉଛି । ଏହାଦ୍ୱାରା ମୋବାଇଲ ସେବା ବ୍ୟାହତ ହେଉଛି। ଗ୍ରାହକମାନେ ଏମଜିଏନ ଆରଇଜିଏ ଯୋଜନାରେ ଅର୍ଥକୁ ବ୍ୟାଙ୍କରୁ ଠିକ ସମୟରେ ପାଇପାରୁନାହାନ୍ତି। ଶୀଘ୍ର ସମସ୍ୟା ସମାଧାନ ପାଇଁ ବଳଭଦ୍ର ମଲ୍ଲିକ, ଶରତ ମଲ୍ଲିକ, ରାଜେନ୍ଦ୍ର ପତ୍ରା, ପ୍ରମୁଖ ଦାବି କରିଛନ୍ତି । ଶୁକ୍ରବାର ବ୍ୟାଙ୍କ ଘେରାଉ ପାଇଁ ଗ୍ରାହକମାନେ ନିଷ୍ପତ୍ତି ନେଇଛନ୍ତି।

## ଅପହୃତ ଯୁବକ ଘରେ ପହଞ୍ଚିଲେ

ଖଜୁରିପଡ଼ା/ବଲସକୁମ୍ପା, ୨୬।୮(ଡି.ଏନ.ଏ.)

କନ୍ଧମାଳ ଜିଲା ଟିକାବାଲି ଥାନା ଅନ୍ତର୍ଗତ କଇଁଖୋର ନିକଟସ୍ଥ ମାଲ୍‌ଭୂଇଁ ଗ୍ରାମର ଅଭିଜିତ ସାହୁ (୧୯) ତାଙ୍କ ଭିଣୋଇ ଘର ଖଜୁରିପଡ଼ା ଥାନା ଅନ୍ତର୍ଗତ ରାଘାପଦର ଗ୍ରାମକୁ ଆସିଥିଲେ। ମଙ୍ଗଳବାର ସକାଳେ ଖଉମୁଣ୍ଡା ଗାଁକୁ ଖେଳିବାକୁ ଯାଇଥିବା ସମୟରେ ରାସ୍ତା କଡ଼ରେ ଛିଡ଼ା ହୋଇ ଫୋନରେ କଥା ହେଉଥିବା ବେଳେ ହଠାତ୍ ଗୋଟେ ବୋଲେରୋରେ ୫ ଜଣ ଯୁବକ ଆସି ତାଙ୍କୁ ଧକ୍କା ମାରି ମୁହଁରେ ଔଷଧ ସ୍ପ୍ରେ କରି ଅପହରଣ କରି ନେଇଗଲେ। ବୁଧବାର ଚେତା ଫେରିବା ପରେ ସେ ଭବାନୀପାଟଣାରେ ଥିବା ଜାଣିବାକୁ ପାଇଥିଲେ। ଅପହରଣକାରୀ ମାନେ ନିଶାସକ୍ତ ଅବସ୍ଥାରେ ଥିବା ସୁଯୋଗ ନେଇ ଅଭିଜିତ ଭବାନୀପାଟଣା ଟାଉନ ଥାନାରେ ପହଞ୍ଚି ସମସ୍ତ ଘଟଣା ପୋଲିସକୁ କହିଥିଲେ। କିନ୍ତୁ ଅପହରଣକାରୀମାନେ ସେଠାରୁ ଫେରାର ହୋଇଯାଇଥିଲେ। ପରେ ପୋଲିସ ଘର ଲୋକଙ୍କୁ ଫୋନ୍ କରି ଖବର ଦେବା ପରେ ଘର ଲୋକ ଏକ ଗାଡ଼ିରେ ଭବାନୀପାଟଣା ଟାଉନ ଥାନାକୁ ଯାଇ ଯୁବକଙ୍କୁ ସଙ୍ଗରେ ଧରି ରାଘାପଦର ଗାଁକୁ ଫେରିଛନ୍ତି ବୋଲି ଭିଣୋଇ କୁନା ପ୍ରଧାନ ସୂଚନା ଦେଇଛନ୍ତି।

# ରନ୍ଧାମଦ ଜବତ, ୭ ମହିଳାଙ୍କ ସମେତ ୧୦ ଗିରଫ

ଆସିକା,୨୬।୮(ଡି.ଏନ.ଏ)

ଆସିକା ଏନ୍‌ଏସି ସନ୍ତୋଷୀ ମା' ମନ୍ଦିର ନିକଟ ଏରୋଗୋଲା କ୍ୟାମ୍ପ ସମେତ ଆଇବି, ପାକଲାପଲ୍ଲୀ ଓ କରାତଳି ଗ୍ରାମରେ ଥିବା ଏରୋଗୋଲା କ୍ୟାମ୍ପରେ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୭ଶହ ୭ ଲିଟର ରନ୍ଧାମଦ ଜବତ କରାଯିବା ସହ ୭ ହଜାର ଲିଟରରୁ ଊର୍ଦ୍ଧ୍ୱ ଗୁଡମିଶ୍ରିତ ମଦ ଓ ବିଭିନ୍ନ ସରଞ୍ଜାମ ଜବତ କରାଯାଇଛି । ଏଥିସହ ୭ ମହିଳାଙ୍କ ସମେତ ୧୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆସିକା ଅବକାରୀ ନିରୀକ୍ଷକ ଧିରେନ କୁମାର ବେହେରା ସୂଚନା ଦେଇଛନ୍ତି । ଏ ନେଇ ଆସିକା ଅବକାରୀ ଥାନାରେ ୧୧ଟି ମାମଲା ରୁଜୁ ହୋଇଛି। ଜିଲା ଅବକାରୀ ଭ୍ରାମ୍ୟମାଣ ନିରୀକ୍ଷିକା ପ୍ରିତିଧାରୀ ନାୟକଙ୍କ ନେତୃତ୍ୱରେ ଆସିକା ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ଦୁର୍ଯୋଧନ ଦିଗାଲ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ ।

# ପୋଲିସକୁ ସମାଲୋଚନା କଲା ଓକିଲ ସଂଘ

ପୁରୁଷୋତ୍ତମପୁର,୨୬।୮(ଡି.ଏନ.ଏ.)

## ଓକିଲଙ୍କ ଘରୁ ଲକ୍ଷାଧିକ ଟଙ୍କା, ସୁନା ଗହଣା ଚୋରି



ଚୋରି ପରେ ବିଭିନ୍ନ ସାମଗ୍ରୀ ଫିଙ୍ଗାଫୋପଡ଼ା ହୋଇଛି ।

ପୁରୁଷୋତ୍ତମପୁର ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। ଚୋରମାନେ ଓକିଲଙ୍କୁ ଟାର୍ଗେଟ କରିଛନ୍ତି। ଏପରିକି ଗତ କିଛି ଦିନ ତଳେ ଦୁଇ ଜଣ ଓକିଲଙ୍କ ଅଫିସ୍ ଓ ଘରୁ ଚୋରି ହୋଇଥିବା ବେଳେ ଏହାକୁ ପୋଲିସ ଆଦୌ ଗୁରୁତ୍ୱ ନ ଦେଇ ନୀରବଦ୍ରଷ୍ଟା ସାଜିଛି। ଏପରିକି ଦୀର୍ଘ ଦିନ ବିତିଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ଅଭିଯୋଗର ରେଜିଷ୍ଟ୍ରେସନ ମଧ କରିନଥିବା ବେଳେ ପୁଣି ମଙ୍ଗଳବାର ରାତିରେ ଜଣେ ଓକିଲଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଚୋରି ହେବାକୁ ନେଇ ଓକିଲମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଓକିଲଙ୍କ ଅଭିଯୋଗକୁ ପୋଲିସ ଗୁରୁତ୍ୱ ଦେଉନଥିବା ଓ କେସ୍ ରେଜିଷ୍ଟ୍ରେସନ କରୁନଥିବା ବେଳେ ସାଧାରଣ ଲୋକଙ୍କ ଅଭିଯୋଗକୁ କେତେଦୂର ଗୁରୁତ୍ୱ ଦେଉଥିବ କହି ପୋଲିସକୁ ସମାଲୋଚନା କରିଛନ୍ତି ଓକିଲମାନେ। ବରିଷ୍ଠ ଓକିଲ ପ୍ରଦୋଷ କୁମାର ବାହିନିପତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଘରେ କେହି ନ ଥିବାର ସୁଯୋଗ ନେଇ ମଙ୍ଗଳବାର ଦୁର୍ବୃତ୍ତମାନେ ତାଲା କାଟି ଭିତରେ ପଶି ଆଲମାରି ଭାଙ୍ଗି ୧ ଲକ୍ଷ ୨୦ ହଜାର ଟଙ୍କା, ସୁନା ଓ ରୁପା ଗହଣା ନେଇ ଯାଇଛନ୍ତି। ପଡୋଶି ଲୋକଙ୍କ ଠାରୁ ଖବର ପାଇ ତାଙ୍କ ପୁଅ ପ୍ରତ୍ୟୁଷ ଗୁରବାର ପୋଲିସରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ପୋଲିସ କେତେଦୂର ଗୁରୁତ୍ୱ ଦେଉଛି ବୋଲି ଓକିଲମାନେ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଓକିଲ ସୀମାଞ୍ଚଳ ମିଶ୍ରଙ୍କ ଅଫିସ୍ ଭାଙ୍ଗି ୪୦ ହଜାର ଟଙ୍କା ଓ ଫାଇଲ୍ ପତ୍ର ଚୋରି ହୋଇଥିବା ବେଳେ ସ୍ୱରାଜ୍ୟ ପାଣିଗ୍ରାହୀଙ୍କ ଘରୁ ପାଣି ମୋଟର ଚୋରି ହୋଇଥିଲା। ଏଥିପ୍ରତି ଗଞ୍ଜାମ ଏସ୍‌ପି, ଡିଜି ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବା ଲାଗି ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି।

## ମଦ ପ୍ରସ୍ତୁତି ସରଞ୍ଜାମ ସହ ଅଭିଯୁକ୍ତ ଗିରଫ

ଆର.ଉଦୟଗିରି,୨୬।୮(ଡି.ଏନ.ଏ.)

ଗଜପତି ଜିଲା ଅବକାରୀ ବିଭାଗ ଗୁରୁବାର ମୋହନା ବ୍ଲକ ଅଞ୍ଚଳରେ ଚଢ଼ାଉ କରି ୨୪୦୦ ଲିଟର ପୋଚ ଏବଂ ୧୧୦ ଲିଟର ମହୁଲି ଜବତ କରିଛି । ଏଥିରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଟୁକୁନା ବେହେରା ଓ ଲକ୍ଷ୍ମୀ ପାଣି ।

# ଛାତ୍ରୀଛାତ୍ରଙ୍କୁ ଟ୍ୟାବ୍ ବଣ୍ଟନ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପାରଳାଖେମୁଣ୍ଡି,୨୬।୮(ଡି.ଏନ.ଏ.)

କରୋନା ମହାମାରୀ ସମୟରେ ମୋବାଇଲ ଫୋନ, ଲାପ୍‌ଟପ ଭଳି ଇଲୋକ୍ଟ୍ରୋନିକ୍ସ ଉପକରଣ ଉପରେ ବିଦ୍ୟାଳୟ ଶିକ୍ଷା ଅଧିକ ନିର୍ଭରଶୀଳ। ଅନଲାଇନ୍ ଶିକ୍ଷା ଶ୍ରେଣୀଗୃହ ଶିକ୍ଷାଦାନର ସ୍ଥାନ ନେଇଛି। ତେବେ ଆର୍ଥିକ ପୃଷ୍ଠଭୂମି ସ୍ୱଚ୍ଛଳ ନ ଥିବା ଏବଂ ଇଲୋକ୍ଟ୍ରୋନିକସ ଉପକରଣ ଚାଲିବା ପାଇଁ କୌଣସି ସୁବିଧା ନଥିବା ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ର ଅନଲାଇନ ଶିକ୍ଷାରୁ ବାଦ୍ ପଡୁଛନ୍ତି। ଇ-ଲର୍ଣ୍ଣିଂର ପ୍ରସାର ପାଇଁ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଉପସଭାପତି ପ୍ରଫେସର ଡି. ଏନ. ରାଓ ଆଇଆଇଏମସି ପିଜିପି ୨୪ ସହିତ ମିଶି ଟ୍ୟାବ୍ ଯୋଗାଇ ଦେଇଛନ୍ତି। ଏଥିପାଇଁ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଅଡିଟେରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଯୋଗଦେଇ ଟ୍ୟାବ୍ ବିତରଣ କରିଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼. ଅନିତା ପାତ୍ର, ନିର୍ଦ୍ଦେଶକ ପ୍ରଶାସକ ଡ. ଦୁର୍ଗା ପ୍ରସାଦ ପାଢ଼ୀ, ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ସୁନିତା ପାଣିଗ୍ରାହୀ, ଆଞ୍ଚଳିକ ନିର୍ଦ୍ଦେଶକ ସମ୍ପିତ ପାତ୍ର, ପ୍ରଶାସକ ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଛତ୍ରପୁର ହସ୍ପିଟାଲକୁ ମିଳିବ ଇସିଜି ମେଶିନ, ଆମ୍ବୁଲାନ୍ସ

ଛତ୍ରପୁର,୨୬।୮(ଡି.ଏନ.ଏ)

ଛତ୍ରପୁର ଉପଖଣ୍ଡ ହସ୍ପିଟାଲର ରୋଗୀ କଲ୍ୟାଣ ସମିତି ବୈଠକ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବାରେ ଡାକ୍ତର, କର୍ମଚାରୀମାନେ ମନୋବଳ ଦୃଢ଼ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ । ବିଧାୟକ ନିଜ ହାତପାଣ୍ଠିରୁ ଇସିଜି ମେଶିନ, ମହାପ୍ରୟାଣ ଆମ୍ବୁଲାନ୍ସ, ମଲ୍ଟି ପାରାମିଟର, ଆଇସିୟୁ ମନିଟର ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟରେ ଆବଶ୍ୟକସ୍ଥଳେ ଅନୁଦାନ ଦେବାକୁ ବିଧାୟକ କହିଛନ୍ତି। ସେହିପରି ରୋଗୀଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ପ୍ରସ୍ତୁତି ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନିୟୋଜିତ କରିବାକୁ ବିଧାୟକ କହିଥିଲେ। ହସ୍ପିଟାଲ ନିକଟରେ ଏନଏସି ପକ୍ଷରୁ ଓପନ୍ ଜିମ୍ ବ୍ୟବସ୍ଥା କରିବାକୁ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ କୁହାଯାଇଛି। ହସ୍ପିଟାଲ ପରିସରରେ ଥିବା ୯ଟି କ୍ୟାବିନ୍‌ର ପୁନରୁଦ୍ଧାର କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଖାଲି ପଡିଥିବା ଭେଷଜ ଓ ସର୍ଜରୀ ବିଭାଗର ଡାକ୍ତର ପଦବୀ ପରଣ ଓ ରାତିରେ କିଭଳି ନିରାମୟରେ ରୋଗୀଙ୍କୁ ଔଷଧ ମିଳିବ ତାହା ଉପରେ ବୈଠକରେ ସଭ୍ୟ ବିଜୟକୃଷ୍ଣ ପଟ୍ଟନାୟକ ଓ ବସନ୍ତ କୁମାର ମହାରଣା ବିଧାୟକ ଓ ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ହସ୍ପିଟାଲ ଅଧୀକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଗୌଡ, ହସ୍ପିଟାଲ ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ୍. ଗଣେଶ ବାବୁ, ହେଲ୍ଥ ଡେସ୍କର ମ୍ୟାନେଜର ଜିତେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଡାକ୍ତର ସୁଦର୍ଶନ ସାହୁ ଧନ୍ୟବାଦ ଦେଇଥିଲେ ।

## ଭାଜପା ମଣ୍ଡଳସ୍ତରୀୟ ବୈଠକ

ଆସିକା,୨୬।୮(ଡି.ଏନ.ଏ.)

ଆସିକା ନିର୍ବାଚନ ମଣ୍ଡଳି ଭାଜପା ପକ୍ଷରୁ ବୁଧବାର ଗୁଣ୍ଡପଡ଼ା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଝଗଡାଇ ଗୁମ୍ଫାଠାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ଦଳୀୟ ପ୍ରଭାରୀ ହରିହର ପଣ୍ଡା, ଘୁମୁସର ଜିଲା ସମ୍ପାଦକ ନାରାୟଣ ବେହେରା, ନାରାୟଣ ହୋତା, ବିଦ୍ୟାନ୍ତ ଚର୍ଚ୍ଚି, ପ୍ରଶାନ୍ତ ଚର୍ଚ୍ଚି, ଦୁର୍ଯ୍ୟୋଧନ ଖଣ୍ଡୁଆଳ, ସୁରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରର ଭାଜପା ସରକାରର ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ସାଧାରଣରେ ଅଧିକ ସଚେତନତା ସୃଷ୍ଟି ପାଇଁ କର୍ମୀମାନେ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ କରାଯାଇଥିଲା ।

# ଦୁର୍ନୀତିଖୋର ଅଧିକାରୀଙ୍କୁ ତାଗିଦ୍

ପାରଳାଖେମୁଣ୍ଡି,୨୬।୮(ଡି.ଏନ୍.ଏ.)

## ଗଜପତି ଜିଲା ପରିଷଦ ବୈଠକ




ବୈଠକରେ ଆଲୋଚନା ଚାଲିଛି।

ଗଜପତି ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ୪୬ତମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ଅନିତା ରାଣୀ ବେହେରା, ଉପାଧ୍ୟକ୍ଷ ଆର. ବିଜୟ କୁମାର ଓ ବିଭିନ୍ନ ବ୍ଲକ ଅଧ୍ୟକ୍ଷ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରୁ ପାରଳାଖେମୁଣ୍ଡି ବିଧାୟକ ଜିଲାରେ ବିଭିନ୍ନ ବିଭାଗରେ ହେଉଥିବା ଦୁର୍ନୀତି ନେଇ ପ୍ରଶ୍ନ ଉଠାଇଥିଲେ। ଜିଲାରେ ନୂତନ ଭାବେ ଦାୟିତ୍ୱ ନେଇଥିବା ଜିଲାପାଳଙ୍କୁ କେତେଜଣ ଅଧିକାରୀ ଭୁଲ ତଥ୍ୟ ଦେଇ ଦୁର୍ନୀତି କରିବାକୁ ଚେଷ୍ଟା କରୁଥିବାରୁ ବିଧାୟକ ତାଗିଦ କରିଥିଲେ। କେତେଜଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିଡ଼ିଓ ଏବଂ ବ୍ଲକସ୍ତରୀୟ ଅଧିକାରୀଙ୍କୁ ଦୁର୍ନୀତି ପାଇଁ ଫୋନରେ ନିର୍ଦ୍ଦେଶ ଦିଆଯାଉଛି ବୋଲି ସେ କହିଥିଲେ। ସେହିପରି ମୋହନା ବିଧାୟକ ମଧ୍ୟ ନିଜ ନିର୍ବାଚନ ମଣ୍ଡଳୀରେ ସମାନ ସମସ୍ୟା ପ୍ରସଙ୍ଗ ଉଠାଇଥିଲେ। ଜିଲାସ୍ତରୀୟ ଅଧିକାରୀମାନଙ୍କ ଅନାବଶ୍ୟକ ହସ୍ତକ୍ଷେପ ଯୋଗୁ ଉନ୍ନୟନ କାର୍ଯ୍ୟ ବିଳମ୍ବ ଓ ନିମ୍ନମାନର ହେଉଛି। ଜିଲାପାଳ ଏସବୁ ପ୍ରତି ଦୃଷ୍ଟି ଦେବାକୁ ମୋହନା ଏବଂ ପାରଳାଖେମୁଣ୍ଡି ବିଧାୟକ ଦାବି ଉଠାଇଥିଲେ। ତେବେ ବୈଠକରେ ଦୁଇ ବିଧାୟକ ଜିଲାସ୍ତରୀୟ ଅଧିକାରୀମାନଙ୍କ ବିରୋଧରେ ଅଭିଯୋଗ ଆଣିବା ଘଟଣାରେ ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଛି।

## ନାବାଳିକାଙ୍କୁ ଅସଦାଚରଣ, ବୃଦ୍ଧ ଅଟକ

ପାତ୍ରପୁର,(ଡି.ଏନ.ଏ.): ଜରଡ଼ା ଥାନା ଇଲାକାର ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ବୃଦ୍ଧଙ୍କୁ ପୋଲିସ ଅଟକ ରଖିଛି। ଗୁରୁବାର ମଧ୍ୟାହ୍ନରେ ନାବାଳିକା ଜଣକ ଘରେ ଏକା ଥିବାର ସୁଯୋଗ ନେଇ ବୃଦ୍ଧ ତାଙ୍କ ଘରକୁ ଯାଇ ଅସଦାଚରଣ ଉଦ୍ୟମ କରୁଥିଲେ। ନାବାଳିକା ଚିତ୍କାର କରିଥିଲେ। ଏହି ସମୟରେ ବିଲରୁ ଫେରିଥିବା ତାଙ୍କ ବାପା ପାଟି ଶୁଣି ଆସିବାରେ ବୃଦ୍ଧ ଜଣକ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲେ। ତାଙ୍କୁ କାବୁ କରି ପୋଲିସ ଜିମା ଦିଆଯାଇଛି। ଏ ନେଇ ନଂ.୧୮୭/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ

ବ୍ରହ୍ମପୁର ଅଫିସ,୨୬।୮: ବ୍ରହ୍ମପୁର ଗୋଶାଣିନୂଆଗାଁ ଥାନା ଅନ୍ତର୍ଗତ ଖଜୁରିଆ ବାଇପାସ୍ କଡ଼ ଦେଇ ଯାଇଥିବା ଜାତୀୟ ରାଜପଥ -୧୬ରେ ପୁଣି ଏକ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଗୋଳନ୍ଥରା ଥାନା ଅନ୍ତର୍ଗତ ରାଳବ ଗ୍ରାମର ପ୍ରକାଶ ଚନ୍ଦ୍ର ନାହାକ। ଟ୍ରାଫିକ ପୋଲିସ ଗୁରୁବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ନଂ. ୩୩/୨୧ରେ ଏକ ମାମଲା ରୁଜୁ ହୋଇଛି। ବୁଧବାର ରାତିରେ ପ୍ରକାଶ ଖଜୁରିଆ ନିକଟ ଫୁଲଟା ଗ୍ରାମରେ ଅନୁଷ୍ଠିତ ଏକ ଭୋଜିରେ ଯୋଗ ଦେଇଥିଲେ। ସେଠାର ଖାଇ ସେ ନିଜର ବାଇକ୍ (ନଂ ଓଡ଼ି ୦୭ଏମ ୭୫୪୯)ରେ ଘରକୁ ଫେରୁଥିଲେ। ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଏକ କଣ୍ଟେନର (ନଂ. ଏଚ୍ଆର୍ ୫୫ଏସି ୬୩୭୩) ତାଙ୍କ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା।

### ହତ୍ୟା ମାମଲାରେ ହାଇକୋର୍ଟରୁ ଜାମିନ

ବ୍ରହ୍ମପୁର ଅଫିସ,୨୬।୮: ସଦର ଥାନା ଅଞ୍ଚଳରେ ହୋଇଥିବା ଏକ ହତ୍ୟା ଘଟଣାର ମୁଖ୍ୟଅଭିଯୁକ୍ତ କୁହାଯାଉଥିବା ଆମ୍ବଗଡ଼ ଗ୍ରାମର ଆର୍.ଭାସ୍କର ପାତ୍ରଙ୍କୁ ହାଇକୋର୍ଟରୁ ଜାମିନ ମିଳିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏଡିଜେ-୧ ଡ. ପ୍ରସନ୍ନ କୁମାର ପଣ୍ଡା ଅଭିଯୁକ୍ତ ଭାସ୍କରଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ସଦର ଥାନା ଅନ୍ତର୍ଗତ ଆମ୍ବଗଡ଼ ଗ୍ରାମରେ ୨୦୧୭ ସେପ୍ଟେମ୍ବର ୧୮ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀର ସଦସ୍ୟମାନେ ଏମ୍.ବୁଡୁ ପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସଦର ଥାନା ପୋଲିସ ସେହି ସମୟରେ ୭ ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଭାସ୍କରଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି। ମୁଦାଲାଙ୍କ ତରଫରୁ ଆଇନଜୀବୀ କୃଷ୍ଣପ୍ରସାଦ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

### ବିଜୁଳି କର୍ମଚାରୀଙ୍କ ଧାରଣାକୁ ଆପ୍ ସମର୍ଥନ

ବ୍ରହ୍ମପୁର ଅଫିସ,୨୬।୮: ଟିପିଏସ୍ଓଡିଏଲ୍ ଅଧୀନରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ବ୍ରହ୍ମପୁର ଟିପିଏସ୍ଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ଧାରଣା ଜାରି ରହିଛି। ଏହାକୁ ନେଇ ଗୁରୁବାର ଗଞ୍ଜାମ ଜିଲା ଆମ୍ ଆଦ୍‌ମି ପାର୍ଟି ସମର୍ଥନ ଜଣାଇଛି। ଦଳ ଜିଲା ଆବାହକ ସୁବାସ ରାଉତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଟାଟା ପାୱାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଏଥିସହ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଧୀର ପ୍ରଧାନ, ସି. ହରପ୍ରସାଦ, ପର୍ଶୁରାମ ସାହୁ, ଅଭିମନ୍ୟୁ ଦଳାଇ, ପ୍ରଶାନ୍ତ କୁମାର ନାୟକ, କୈଳାସ ସେଠୀ, ଲିଙ୍ଗରାଜ ପଟ୍ଟନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ୧୦ ରୂପାନ୍ତରିତ ହାଇସ୍କୁଲ ଉଦ୍‌ଘାଟିତ

ହିଞ୍ଜିଳିକାଟୁ/ଶେରଗଡ଼,୨୬।୮(ଡ଼ି.ଏନ୍.ଏ.)

ତୃତୀୟ ପର୍ଯ୍ୟାୟରେ ଗୁରୁବାର ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକର ଆଉ ୧୦ଟି ରୂପାନ୍ତରୀତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନଫରେନ୍ସରେ ଉଦଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଏହି ୨ ବ୍ଲକକୁ ରାଜ୍ୟରୁ ୨୧ ବିଧାୟିକା, ବିଧାୟକ ଆସିଥିଲେ। ସେମାନଙ୍କ ସହ ସ୍କୁଲ ପରିଚାଳନା କମିଟି ସଦସ୍ୟ, ପ୍ରଧାନଶିକ୍ଷକ ଓ ଛାତ୍ରଛାତ୍ରୀ ସେମାନଙ୍କ ଅନୁଭୂତି ପ୍ରକାଶ ସହ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ।

ଗୁରୁବାର ପ୍ରଥମ ସ୍କୁଲ ଭାବେ ଶେରଗଡ଼ ବ୍ଲକ ଗୋବିନ୍ଦପୁର ହାଇସ୍କୁଲ ଉଦଘାଟିତ ହୋଇଥିଲା। ଏଠାରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଭାଷଣ ଦେଇଥିଲେ। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଖୋର୍ଦ୍ଧା ବିଧାୟକ ଜ୍ୟୋତିନ୍ଦ୍ରନାଥ ମିତ୍ର, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଉପସ୍ଥିତ ଥିଲେ। ପରେ କ୍ରମାନ୍ୱୟରେ ହିଞ୍ଜିଳିକାଟୁ ବ୍ଲକ ଗଣେଶ ବିଦ୍ୟାପୀଠ ଗଣ୍ଡଳା ଉଦଘାଟନ ହୋଇଥିଲା। ଏଠାରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ସେହିପରି ଶେରଗଡ଼ ବ୍ଲକ କୃଷ୍ଣଛାଇ



ରୂପାନ୍ତରିତ ହାଇସ୍କୁଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଶେରଗଡ଼ ଆସିଥିବା ବିଧାୟିକା, ବିଧାୟକମାନେ।

ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଓ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଉପସ୍ଥିତ ଥିଲେ। ହିଞ୍ଜିଳିକାଟୁ ବ୍ଲକ ଆଳପୁରରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଶେରଗଡ଼ ବ୍ଲକ ପଞ୍ଚାୟତ ହାଇସ୍କୁଲ ଅଲାରିଗଡ଼ଠାରେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଓ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଉପସ୍ଥିତ ଥିଲେ। ହିଞ୍ଜିଳିକାଟୁ ବ୍ଲକ ଶ୍ୟାମଳାଇ ବିଦ୍ୟାପୀଠ ପୋଡ଼ିଙ୍ଗି ଠାରେ ଜୟଦେବ ବିଧାୟକ ଅରବିନ୍ଦ ଢ଼ାଲି ଓ କୋରେଇ ବିଧାୟକ ଅଶୋକ କୁମାର ବଳ ଉପସ୍ଥିତ ଥିଲେ। ଶେରଗଡ଼ ବ୍ଲକ ଧବଳପୁର ହାଇସ୍କୁଲରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ ଓ ଚିଲିକା ବିଧାୟକ ପ୍ରଶାନ୍ତ କମାର ଜଗଦେବ ଉପସ୍ଥିତ ଥିଲେ। କୁରୁଳା ହାଇସ୍କୁଲ ଠାରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଉପସ୍ଥିତ ଥିଲେ। ହିଞ୍ଜିଳିକାଟୁ ବ୍ଲକ ସାରୁ ହାଇସ୍କୁଲଠାରେ ମନ୍ତ୍ରୀ ଅରୁଣ କୁମାର ସାହୁ ଓ ବରୀ ବିଧାୟିକା ସୁନନ୍ଦା ଦାଶ ଉପସ୍ଥିତ ଥିଲେ। କଞ୍ଚୁରୁ ସରକାରୀ ହାଇସ୍କୁଲରେ ମନ୍ତ୍ରୀ ପଦ୍ମନାଭ ବେହେରା ଓ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ। ଶେରଗଡ ଓ ହିଞ୍ଜିଳିକାଟୁ ବ୍ଲକରେ ବିଧାୟିକା, ବିଧାୟକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେରଗଡ଼କୁ ଯାଇଥିବା ମନ୍ତ୍ରୀ ଓ ବିଧାୟକମାନେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ

### ଉଦ୍‌ଘାଟନୀ କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ

ପୁଷ୍ପ ପ୍ରଦାନ କରି ଥିଲେ। ପରେ ସମସ୍ତେ ପୂର୍ତ୍ତ ବିଭାଗ ଡାକବଙ୍ଗଳାକୁ ଯାଇଥିଲେ। ସେଠାରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ ଜଣାଯାଇଥିଲା। ପରେ ବିଧାୟକମାନେ ସ୍ମାର୍ଟ ବିଦ୍ୟାଳୟକୁ ଯାଇ ବୁଲି ଦେଖିଥିଲେ। ଚାରିଛକରେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ,ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଜିଲା ବିଜେଡି କାର୍ଯ୍ୟାକାରୀଣି ସଦସ୍ୟା ସବିତାରାଣୀ ଚୌଧୁରୀ, ବରିଷ୍ଠ ନେତା ହୃଷିକେଶ ପାଢୀ, ପ୍ରମୋଦ କୁମାର ପାତ୍ର, ଚିତ୍ତରଞ୍ଜନ ପାଣିଗ୍ରାହୀ, ସମୀର ପ୍ରଧାନ, ଉଦୟନାଥ ପ୍ରଧାନ, ଧବଳପୁର ଠାରେ ଦେବୀ ପ୍ରସାଦ ଦାଶ, ରବିନ୍ଦ୍ର କୁମାର ଗୌଡ, କୃଷ୍ଣଛାଇରେ ରୀନା ସେଠୀ, ରଞ୍ଜନ ସେଠୀ, ରଞ୍ଜନ ପ୍ରଧାନ, ଗୋବିନ୍ଦପୁରରେ ସରପଞ୍ଚ ସିମାଂଚଳ ପ୍ରଧାନ, ବୁଢା ପ୍ରଧାନ, କୁରୁଳାରେ ସରପଞ୍ଚ ବି ଆଉଁସା ପାତ୍ର, ଭୀମସେନ ଚୌଧୁରୀ, ଅଲାରିଗଡରେ ଦିଗାମ୍ବର ନାହାକ, ସରପଞ୍ଚ ଅଶୋକ କୁମାର ସ୍ୱାଇଁ ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ସମେତ ବହୁ ନେତା ଉପସ୍ଥିତ ଥିଲେ।

### ଆମ୍ବା ଯୋଜନା ଟଙ୍କା ଆତ୍ମସାତ୍ ମାମଲା

## ପ୍ରମାଣ ଅଭାବରୁ ୨ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୬।୮

ଚାଷୀଙ୍କ ପାଇଁ ଆମ୍ବା ଯୋଜନାରେ ମଞ୍ଜୁର ହୋଇଥିବା ଟଙ୍କା ଆତ୍ମସାତ ମାମଲାର ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ କୁମାର ମହାନ୍ତି ଦୁଇଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗଜପତି ଜିଲା ଗୋଷାଣୀ ବ୍ଲକର ତତ୍କାଳୀନ ସହକାରୀ କୃଷି ଅଧିକାରୀ ଏସ୍. ଏନ୍.ଦାସ, ଫାର୍ମ ଇନ୍‌ଫରମେଶନ୍ ଆଡଭାଇଜରି କମିଟି (ଏଫ୍ଆଇଏସି) ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ରଥ। ୨୦୦୮ ମାର୍ଚ୍ଚରେ ଗଜପତି ଜିଲା ଗୋଷାଣୀ ବ୍ଲକ ପାଇଁ ଆମ୍ବା ଯୋଜନାରେ ଚାଷୀଙ୍କ ନିମନ୍ତେ ସାର, ପିଡ଼ିଆ ଓ ବିଭିନ୍ନ ମଞ୍ଜି କ୍ରୟ କରିବା ପାଇଁ ୨ଲକ୍ଷ ୩୮ହଜାର ଟଙ୍କା ମଞ୍ଜୁର ହୋଇଥିଲା। ପରେ ମିଥ୍ୟା ବିଲ୍ କରି ୧ଲକ୍ଷ ୨୫ହଜାର ଟଙ୍କା ଆତ୍ମସାତ କରିଥିବା ନେଇ ଅଭିଯୋଗ ହୋଇଥିଲା। ୨୦୦୯ ଡିସେମ୍ବରରେ ଭିଜିଲାନ୍ସ ବିଭାଗ ନମ୍ବର ୫୭/୦୯ରେ ଉକ୍ତ ଦୁଇଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ଏଥିରେ ଉଭୟ ଅଭିଯୁକ୍ତ ହାଇକୋର୍ଟରୁ ଜାମିନ ପାଇଥିଲେ। ବୁଧବାର ମାମଲାର ବିଚାର ବେଳେ ୩୨ଜଣ ସାକ୍ଷୀଙ୍କ ବୟାନ ରେକର୍ଡ଼ କରାଯାଇଥିଲା। ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ଉଭୟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପିପି ପ୍ରଦୀପ କୁମାର ଦୋରା ଓ ମୁଦାଲାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ପ୍ରସାଦ କୁମାର ପଟ୍ଟନାୟକ ଏବଂ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## ରାମଲିଙ୍ଗେଶ୍ୱର ଉଦ୍ୟାନରେ ଆମିଷ ଆହାରକୁ ବିରୋଧ

ବ୍ରହ୍ମପୁର ଅଫିସ,୨୬।୮

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟ ଆଗରେ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଗୁରୁବାର ବିକ୍ଷୋଭ କରାଯାଇଥିଲା। ମହାନଗର କେନ୍ଦ୍ରସ୍ଥଳରେ ଥିବା ଏବଂ ବହୁ କୋଟି ଟଙ୍କା ବ୍ୟୟରେ ସୌନ୍ଦର୍ଯ୍ୟକରଣ କରାଯାଇଥିବା ରାମଲିଙ୍ଗେଶ୍ୱର ପୋଖରୀ ତଥା ପ୍ରମୋଦ ଉଦ୍ୟାନ ପରିସରରେ ଶାସକ ଦଳ ନେତାଙ୍କ ସୁରାପାନ ଏବଂ ଆମିଷ ରାତ୍ରିଭୋଜନ ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା। ଅଭିଯୋଗ ଅନୁସାରେ ପୋଖରୀ ପାର୍ଶ୍ୱରେ ରାମଲିଙ୍ଗେଶ୍ୱର ଶୈବପୀଠ ଅଛି। ତେଣୁ ଏହି ବୃହତ୍ ଜଳାଶୟ ମଝିରେ ପ୍ରାଚୀନ ପରମ୍ପରା ପ୍ରକାରେ ଗରୁଡ଼ଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି। ଉଦ୍ୟାନ ଭିତରେ ପିଆଜ, ରସୁଣ ଓ ଆମିଷ ବାରଣ ସତ୍ତ୍ୱେ ଶାସକ ଦଳ ନେତା ଓ ଅଧିକାରୀମାନେ

- ବିଏମ୍‌ସି ଅଫିସ ଆଗରେ ଭାଜପାର ବିକ୍ଷୋଭ
- ଆଜି ମହିଳା ମୋର୍ଚ୍ଚା ସିଞ୍ଚନ କରିବ ଗୋବର ପାଣି

ଏହାର ଖୋଲା ଉଲ୍ଲଂଘନ କରୁଛନ୍ତି।

ସୂଚନାଯୋଗ୍ୟ, ଶେରଗଡ଼ ଓ ହିଞ୍ଜିଳି ବ୍ଲକରେ ଗତ ୨୧ ତାରିଖଠାରୁ ପର୍ଯ୍ୟାୟକ୍ରମେ ୫-ଟି କାର୍ଯ୍ୟକ୍ରମରେ ସ୍କୁଲ ରୂପାନ୍ତରୀକରଣ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଛି। ତେଣୁ ବିଭିନ୍ନ ସ୍ଥାନରେ ମନ୍ତ୍ରୀ, ବିଧାୟକ ଓ ଅଧିକାରୀମାନେ ଉପସ୍ଥିତ ରହୁଛନ୍ତି। ସନ୍ଧ୍ୟାରେ ବ୍ରହ୍ମପୁର ଆସି ନବ ନିର୍ମିତ ବୈକୁଣ୍ଠ ନଗର ସ୍ପୋର୍ଟ୍ସ ଏରିନା ବା ଅତ୍ୟାଧୁନିକ କ୍ରୀଡ଼ା କ୍ଷେତ୍ର ଏବଂ ରାମଲିଙ୍ଗେଶ୍ୱର ପ୍ରମୋଦ ଉଦ୍ୟାନ ପରିଦର୍ଶନ କରିବାର ବ୍ୟବସ୍ଥା ହୋଇଛି। ରାତିରେ ଏକ ନାମୀଦାମୀ ହୋଟେଲ ଦ୍ୱାରା ପ୍ରସ୍ତୁତ ଖାଦ୍ୟ (ଆମିଷ) ପରଷା ଯାଉଛି। ଶୈବପୀଠ ପାଖରେ ଏହି ବ୍ୟବସ୍ଥାକୁ ଭାଜପା ଓ ଯୁବମୋର୍ଚ୍ଚା ତୀବ୍ର ବିରୋଧ କରୁଛି।

ଏହାର ପ୍ରତିବାଦରେ ଶୁକ୍ରବାର ମହିଳା ମୋର୍ଚ୍ଚା ପକ୍ଷରୁ ପ୍ରମୋଦ ଉଦ୍ୟାନ ପରିସରରେ ଗୋବର ମିଶା ପାଣି ସିଞ୍ଚନ କରି ଶୁଦ୍ଧି କରାଯିବ । ଆନ୍ଦୋଳନରେ ବରିଷ୍ଠ ନେତା କାହ୍ନୁ ଚରଣ ପତି, ଜିଲା ସଂଗଠନ ନେତା ପ୍ରଭାତ ଷଡ଼ଙ୍ଗୀ, ରାମ କୁମାର ପାତ୍ର, ଶରତ ସାହୁ, ମିଡିଆ ସେଲ୍ ମୁଖ୍ୟ ସୁନୀଲ କୁମାର ସାହୁ, ପ୍ରମୁଖ ସାମିଲ ହୋଇଥିଲେ। ମନ୍ଦିର ପାଖରେ ଏଭଳି କାର୍ଯ୍ୟକ୍ରମ ବନ୍ଦ କରିବାକୁ ବିଏମସି କମିଶନରଙ୍କୁ ଦାବିପତ୍ର ଦିଆଯାଇଥିଲା। ୫-ଟି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାରେ ୧୧ କାର୍ଯ୍ୟକ୍ରମ ସରକାର କରିବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି।

## ପିଜି ପ୍ରବେଶିକା ପରୀକ୍ଷା ଦେଲେ ୧୫୮

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଗୋପାଳପୁର ୨୬।୮

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲିଥିବା ପିଜି ପ୍ରବେଶିକା ପରୀକ୍ଷା ୪ର୍ଥ ଦିନରେ ଗୁରୁବାର ୪ର୍ଥ ଦିନରେ ପିଜି କମନ ପ୍ରବେଶିକା ପରୀକ୍ଷାରେ ପ୍ରଥମ ସିଟିଂ ପରିବେଶ ବିଜ୍ଞାନରେ ୧୨, ସମାଜ ବିଜ୍ଞାନରେ ୩, ୨ୟ ସିଟିଂ ଜୀବ ବିଜ୍ଞାନରେ ୨୩, ଓଡ଼ିଆରେ ୧୧୨ ଜଣ ଏବଂ ୩ୟ ସିଟିଂ ଦର୍ଶନଶାସ୍ତ୍ରରେ ୮ ପରୀକ୍ଷାା ଦେଇଥିବା ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଉପକରଣ ବଣ୍ଟନ

ଆସିକା,୨୬।୮(ଡି.ଏନ.ଏ.)

ଗଞ୍ଜାମ ଜିଲା ସମଗ୍ର ଶିକ୍ଷା ଏବଂ ସାଇଟ ସେଭର ଆନୁକୂଲରେ ବୁଧବାର ଆସିକା ବ୍ଲକର କାଳଷଣ୍ଢପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଥିଲା। ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ଭିନ୍ନକ୍ଷମ ସଂଯୋଜକ ତପନ କୁମାର ସାହୁ ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ସହାୟକ ଉପକରଣର ଆବଶ୍ୟକତା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଆସିକା, କବିସୂର୍ଯ୍ୟନଗର, ପୋଲସରା, ଶେରଗଡ଼ ଓ ଧରାକୋଟ ବ୍ଲକର ପୂର୍ବରୁ ଚିହ୍ନଟ ହୋଇଥିବା ୩୯ଜଣ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟାଯାଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ ନନ୍ଦ, ମନ୍ଦାକିନୀ ରଥ, ଗୀତାଞ୍ଜଳି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭୁବନେଶ୍ୱର-ପୁଣେ ଟ୍ରେନ୍ ମୁମ୍ବାଇ ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି





ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁର ଅଫିସ୍,୨୬।୮

ଭୁବନେଶ୍ୱର-ପୁଣେ ଟ୍ରେନ୍‌କୁ ମୁମ୍ବାଇ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ସଂସ୍କାରବାଦୀ ଅନୁଷ୍ଠାନ ଦାବି କରିଛି। ଏ ନେଇ ଗୁରୁବାର ସଂଘ ପକ୍ଷରୁ ଦକ୍ଷିଣ ପୂର୍ବ ରେଳପଥ ଡିଆରଏମ୍‌ଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ରେଳ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱରଠାରୁ ପୁଣେ ଯାଉଥିବା ଟ୍ରେନ୍‌ରେ ମୁମ୍ବାଇ ଯାତ୍ରୀମାନେ ପୁଣେଠାରେ ଓହ୍ଲାଉଛନ୍ତି। ଫଳରେ ଟ୍ରେନ୍‌ରେ ଯାତ୍ରା କରୁଥିବା ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ମହିଳା ଯାତ୍ରୀ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ସଂଘ ଅଭିଯୋଗ କରିଛି। ଏଣୁ ଏହି ସାପ୍ତାହିକ ଟ୍ରେନ୍‌କୁ ମୁମ୍ବାଇ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ସଂଘ ଦାବି କରିଛି। ଏଥିସହ ବ୍ରହ୍ମପୁରଠାରୁ ପୁରୀ ସିଧାସଳଖ ପାସେଞ୍ଜର ଟ୍ରେନ୍ ଚଳାଚଳ କରିବା ପାଇଁ ସଂଘ ଦାବି କରିଛି। ନଚେତ୍ ଆଗାମୀ ଦିନରେ ଛତ୍ରପୁର, ଗଞ୍ଜାମ, ଖଲ୍ଲିକୋଟ, ବାଲୁଗାଁ ଓ ଖୋର୍ଦ୍ଧା ରୋଡ ଡିଆର୍‌ଏମ୍‌ଙ୍କ କାର୍ଯ୍ୟାଳୟଠାରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ତ୍ରିନାଥ ମହାରଣା, ସମ୍ପାଦକ ଲଳିତ ମୋହନ ସାହୁ, ଯୁଗ୍ମ ସମ୍ପାଦକ ସମୀର କୁମାର ଆଚାର୍ଯ୍ୟ, ହିମାଂଶୁ କୁମାର ପଟ୍ଟନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସ୍ତ୍ରୀ-ପ୍ରସୂତି ୱାର୍ଡରେ ମେଶିନ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ,୨୬।୮

ବ୍ରହ୍ମପୁର ବଡ଼ ମେଡିକାଲ ସ୍ତ୍ରୀ ଓ ପ୍ରସୂତି ୱାର୍ଡରେ ଗୁରୁବାର ଗରମ ପାଣି ମେଶିନ ଉଦ୍‌ଘାଟିତ ହୋଇଯାଇଛି। ଏହି ବିଭାଗର

### ସହଜରେ ରୋଗୀ ପାଇବେ ଗରମ ପାଣି

୬ ୱାର୍ଡରେ ୬ ମେଶିନ ବସିଛି। ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମେଶିନଗୁଡିକ କାର୍ଯ୍ୟକ୍ଷମ ହୋଇଥବବାରୁ ରୋଗୀମାନଙ୍କୁ ଏବେ ସୁବିଧାରେ ୱାର୍ଡ ଭିତରେ ଗରମ ପାଣି ଉପଲବ୍ଧ ହୋଇପାରିବ ବୋଲି ମେଡିକାଲ ଅଧୀକ୍ଷକ ପ୍ରଫେସର





ଗରମ ପାଣି ମେଶିନ ଉଦ୍‌ଘାଟନ କରୁଛନ୍ତି ବିଧାୟକ।

ଡା.ସନ୍ତୋଷ କୁମାର ମିଶ୍ର କହିଛନ୍ତି। ପରବର୍ତ୍ତୀ ସମୟରେ ଶିଶୁ ବିଭାଗରେ ଓ ପର୍ଯ୍ୟାୟକ୍ରମେ ଅନ୍ୟ ବିଭାଗଗୁଡିକରେ ରୋଗୀମାନଙ୍କ ପାଇଁ ସମ୍ପୃକ୍ତ ୱାର୍ଡରେ ଏହି ମେଶିନ ବସାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଦାୟିତ୍ୱରେ ଥିବା ଆସୋସିଏଟ୍ ପ୍ରଫେସର ଡା.ଏସ.ଏନ୍. ସୋରେନ, ପ୍ରଫେସର ଡା. ଭାରତୀ ମିଶ୍ର ଉପସ୍ଥିତ ଥିଲେ।

### ମାଚ୍ୟୁରିଟି ପ୍ରାପ୍ୟ ଦାବି

## ସାହାରା ଇଣ୍ଡିଆ ନିବେଶକଙ୍କ ବିକ୍ଷୋଭ

ବ୍ରହ୍ମପୁର ଅଫିସ୍,୨୬।୮

ମାଚ୍ୟୁରିଟି ପ୍ରାପ୍ୟ ଦାବିକରି ସାହାରା ଇଣ୍ଡିଆ ସେକ୍ଟର ବ୍ରାଞ୍ଚ ଓ ସିଟି ବ୍ରାଞ୍ଚର ନିବେଶକମାନେ ଗୁରୁବାର ବ୍ରହ୍ମପୁର ସାହାରା ଇଣ୍ଡିଆ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ସାହାରା ଇଣ୍ଡିଆର ବିଭିନ୍ନ ସ୍କିମ୍‌ର ମାଚ୍ୟୁରିଟି ପ୍ରାପ୍ୟ ୨ରୁ ୩ ବର୍ଷ ଧରି ନିବେଶକମାନଙ୍କୁ ମିଳି ନାହିଁ। ପ୍ରାପ୍ୟ ଟଙ୍କା ଦେବା ପରିବର୍ତ୍ତେ ଅନ୍ୟ ସ୍କିମ୍‌କୁ ବଦଳାଇବା ପାଇଁ କମ୍ପାନୀ ବାଧ୍ୟ କରୁଥିବା ନିବେଶକମାନେ ଅଭିଯୋଗ କରିଛନ୍ତି। ଏ ବାବଦରେ ୧୫୦ନିବେଶକ ଓ ଏଜେଣ୍ଟମାନେ ୨୦୧୯ରୁ ଭୁବନେଶ୍ୱର ରେଜିଷ୍ଟ୍ରାର କୋପରେଟିଭ୍, ନୂଆଦିଲ୍ଲୀ କେନ୍ଦ୍ରୀୟ କୋପରେଟିଭ୍ ସାଙ୍ଗକୁ ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଚଳିତ ବର୍ଷ ଜାନୁୟାରୀ ୨୨ରେ ବ୍ରହ୍ମପୁର ଉପଜିଲାପାଳ ଓ ସାହାରା ଇଣ୍ଡିଆ ପଦାଧିକାରୀଙ୍କ ମଧ୍ୟରେ ଏକ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ପ୍ରାପ୍ୟ ବାବଦକୁ ମାସିକ ୨୫ ଲକ୍ଷ ଓ ଏକ ମାସର

- ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଏମ୍ଆଇଏସ୍ ଦିଆଯିବା ପାଇଁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଏହି ନିର୍ଦ୍ଦେଶନାମା ଏକ ମାସ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବା ପରେ ପୁଣି ଥରେ ବ୍ୟତିକ୍ରମ ଦେଖା ଦେଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ବ୍ରହ୍ମପୁର ସେକ୍ଟର ଶାଖା ଓ ସିଟି ଶାଖାର ମାଚ୍ୟୁରିଟି ପ୍ରାୟ ୭୦ରୁ ୮୦ କୋଟି ହେବ। ଏଣୁ ମାଚ୍ୟୁରିଟି ଟଙ୍କା ପ୍ରଦାନ କରିବା କ୍ଷେତ୍ରରେ ରାଜ୍ୟ ସରକାର ହସ୍ତକ୍ଷେପ କରିବା ପାଇଁ ନିବେଶକମାନେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।





ନିବେଶକଙ୍କ ବିକ୍ଷୋଭ।

## ଭି.ଭି. ଗିରି ବାଳିକା ଉଚ୍ଚ ପ୍ରଶିକ୍ଷଣ ବିଦ୍ୟାଳୟ

ବ୍ରହ୍ମପୁର ଅଫିସ,୨୬।୮

ବ୍ରହ୍ମପୁର ସହରର ସର୍ବ ପୁରାତନ ବିଦ୍ୟାଳୟ ମଧ୍ୟରୁ ଅନ୍ୟତମ ହେଉଛି ଭିଭି ଗିରି ସରକାରୀ ବାଳିକା ଉଚ୍ଚ ପ୍ରଶିକ୍ଷଣ ବିଦ୍ୟାଳୟ। ୧୮୫୬ରେ ବ୍ରିଟିଶ ଶାସନ ସମୟରୁ ପ୍ରଥମେ ଏଲିମେଣ୍ଟାରି ସ୍କୁଲ ରୂପେ ପାଠ୍ୟକ୍ରମ ଆରମ୍ଭ ହୋଇଥିଲା। ୨୦୦୧ରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଶ୍ରେଷ୍ଠ ବିଦ୍ୟାଳୟର ମାନ୍ୟତା ପାଇଥିବା ଏହି ସ୍କୁଲରେ ବର୍ତ୍ତମାନ ବହୁ ସମସ୍ୟା ଘେରରେ ଗତି କରୁଛି। ସରକାରଙ୍କ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବା ବିଦ୍ୟାଳୟରେ ଶିକ୍ଷାଦାନ ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅଭାବଠାରୁ ଆରମ୍ଭ କରି ଛାତ୍ରୀଙ୍କ ନିମନ୍ତେ ପାଣି, ଶୌଚାଳୟ ସମସ୍ୟା ଓ କ୍ରୀଡ଼ା ଭିତ୍ତିଭୂମି ଅଭାବ ଥିବା ଜଣାପଡ଼ିଛି। ସରକାରଙ୍କ ମୋ ସ୍କୁଲ ଅଭିଯାନ ନିମନ୍ତେ ବିଦ୍ୟାଳୟରେ ୭ ସ୍ମାର୍ଟ କ୍ଲାସରୁମ, ଗୋଟିଏ ଇ -ଲାଇବ୍ରେରୀ ଏବଂ ଲାବରେଟୋରି ନିମନ୍ତେ ୪୫ ଲକ୍ଷ ଟଙ୍କାର





ଭି.ଭି. ଗିରି ସରକାରୀ ବାଳିକା ଉଚ୍ଚ ପ୍ରଶିକ୍ଷଣ ବିଦ୍ୟାଳୟ।

ଅନୁଦାନ ଆସିଛି। କିନ୍ତୁ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ସୁଦୃଢ଼ ନ ଥିବା ବେଳେ ସ୍ମାର୍ଟ କ୍ଲାସ ରୁମ୍ କେତେଦୂର ଯୁକ୍ତିଯୁକ୍ତ ତାହା ଚିନ୍ତାର ବିଷୟ।

୧୭୦ ବର୍ଷରୁ ଅଧିକ ପୁରାତନ ଏହି ବିଦ୍ୟାଳୟ। ୧୯୪୧-୪୨ରୁ ଏଠାରେ ମାଧ୍ୟମିକ ଶିକ୍ଷା ପ୍ରଚଳନ ଆରମ୍ଭ ହୁଏ। ୧୯୪୬ରୁ ପୂର୍ବତନ ରାଷ୍ଟ୍ରପତି ଭି.ଭି. ଗିରିଙ୍କ ବାସଭବନରେ ବିଧିବଦ୍ଧ ଭାବେ ଏହି ବିଦ୍ୟାଳୟ ସ୍ଥାନାନ୍ତର ହୋଇଥିଲା। ୨୦୨୧-୨୨ ଶିକ୍ଷାବର୍ଷରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୩୧୮ଛାତ୍ରୀ ଅଧ୍ୟୟନ କରନ୍ତି। ଏତେ ସଂଖ୍ୟକ ଛାତ୍ରୀଙ୍କ ନିମନ୍ତେ ବିଭିନ୍ନ ବିଷୟରେ ୩୭ ଶିକ୍ଷକ କର୍ମଚାରୀଙ୍କର ଆବଶ୍ୟକତା ରହିଛି। କିନ୍ତୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ମାତ୍ର ୨୫ ଜଣ ଶିକ୍ଷକ କର୍ମଚାରୀ ଅଛନ୍ତି। ଗଣିତରେ ୮ ଓ ବିଜ୍ଞାନରେ ୭ ଜଣ ମୋଟ ୧୫

### ସମସ୍ୟାରେ ଚାଲିଛି ପାଠପଢ଼ା

ଶିକ୍ଷକଙ୍କର ଆବଶ୍ୟକତା ଥିବା ବେଳେ ମାତ୍ର ୫ ଜଣ ଅଛନ୍ତି। ସେହିଭଳି ହିନ୍ଦୀ ଓ ସଂସ୍କୃତରେ ୪ ଜଣଙ୍କ ସ୍ଥାନରେ ୨ ଜଣ ଶିକ୍ଷକ ଅଛନ୍ତି। ସାହିତ୍ୟ, ଇଂଲିଶ, ଇତିହାସ ଓ ଭୂଗୋଳ ଭଳି ଅନ୍ୟ ବିଷୟ ନିମନ୍ତେ ୧୯ ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବା ବେଳେ ମାତ୍ର ୧୫ ଜଣ ଶିକ୍ଷକ ରହିଛନ୍ତି।

ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ଆରତିବାଳା ପଟ୍ଟନାୟକଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ବିଦ୍ୟାଳୟରେ ଶିକ୍ଷକଙ୍କ ଆବଶ୍ୟକତା ଓ ଖେଳପଡ଼ିଆ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ଏଥି ନିମନ୍ତେ ବର୍ତ୍ତମାନ ଦୁଇଜଣ ଡେପୁଟେଶନରେ ଶିକ୍ଷକ ନିୟୋଜିତ ଅଛନ୍ତି, ଅନ୍ୟ ୩ ଜଣଙ୍କୁ ଡେପୁଟେଶନରେ ନିୟୋଜିତ କରାଯିବ। ଏବଂ ଅତିଶୀଘ୍ର ସ୍ଥାୟୀ ଶିକ୍ଷକ ନିୟୋଜିତ ହେବା ନେଇ ଡିଇଓ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ପୂଜାରେ ଶବ୍ଦ ପ୍ରଦୂଷଣ ହେଲେ କାର୍ଯ୍ୟାନୁଷ୍ଠାନ

ଭଞ୍ଜନଗର,୨୬।୮(ଡି.ଏନ.ଏ): ଶବ୍ଦ ପ୍ରଦୂଷଣ ଯୋଗୁ ବିଭିନ୍ନ ସମୟରେ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାଣ ଯୋଗୁ ପରିବେଶ ଓ ଶବ୍ଦ ପ୍ରଦୂଷଣ ହେଉଛି। ଅଧିକ ସାଉଣ୍ଡରେ ମାଇକ୍ ବଜାଇବା ଦ୍ୱାରା ମଧ ଶବ୍ଦ ପ୍ରଦୂଷଣ ହେଉଛି। ପାର୍ବଣରେ ଏହାକୁ ରୋକିବା ପାଇଁ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି। ଯଦି କୌଣସି ବ୍ୟକ୍ତି ଏହିଭଳି ବେଆଇନ କାର୍ଯ୍ୟ କରନ୍ତି ତେବେ ଜରିମାନା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ଲୋକଙ୍କୁ ମଧ୍ୟ ପ୍ରଶାସନ ପକ୍ଷରୁ ସଚେତନତା କରାଯିବ।

### ମରାମତି ଅଭାବ: ବରାଳିନୀ ମାର୍କେଟ କମ୍ପ୍ଲେକ୍ସ ଶୋଚନୀୟ

ଜି.ଉଦୟଗିରି,୨୬।୮(ଡି.ଏନ.ଏ.): ଜି.ଉଦୟଗିରି ସହରର ବିଭିନ୍ନ ସ୍ଥାନରେ ଏନ୍ଏସି ତରଫରୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ଭଡା ସୂତ୍ରରେ ଦିଆଯାଇଛି। ବରାଳିନୀ ମାର୍କେଟରେ ଥିବା ୧୪ ଦୋକାନ ଘର ଅବସ୍ଥା ଶୋଚନୀୟ ହୋଇପଡିଛି। ଆଜବେଷ୍ଟସ୍ ଭାଙ୍ଗି ନଷ୍ଟ ହେବାକୁ ବସିଲାଣି। ବର୍ଷା ହେଲେ ପାଣି ଗଳୁଛି। ବାରମ୍ବାର ଏନ୍ଏସି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ ଲାଭ କିଛି ହୋଇନି। ୩୦ ବର୍ଷରୁ ଅଧିକ ବର୍ଷ ହୋଇଥିଲେ ମଧ ମରାମତି ହୋଇନି ବୋଲି ବ୍ୟବସାୟୀମାନେ କହୁଛନ୍ତି। କରୋନା ସମୟରେ ଦୋକାନ ବନ୍ଦ ହୋଇଥିବା ବେଳେ ଏବେ ଖୋଲିଲେ ଆଜବେଷ୍ଟସ୍ ଭାଙ୍ଗିଯିବାର ବିପଦ ରହିଛି। ଏଣୁ ଠିକ୍ ସମୟରେ ଦୋକାନ ଘର ଭଡା ପୈଠ କରିବାରେ ମଧ ଅକ୍ଷମ ହୋଇଛନ୍ତି ବ୍ୟବସାୟୀମାନେ। ବାରମ୍ବାର ମରାମତି ପାଇଁ ଜଣାଉଥିଲେ ମଧ ମରାମତି ହେଉନାହିଁ। ତୁରନ୍ତ ଏହା ଉପରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

ପୁରୁଷୋତ୍ତମପୁର,୨୬।୮(ଡି.ଏନ.ଏ.)- ପୁରୁଷୋତ୍ତମପୁର ଏନ୍ଏସିରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ସଂଯୋଜନାରେ ଜୀବନ ବିନ୍ଦୁ ରକ୍ତ ଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକା ଏମ୍ପି ପ୍ରମିଳା ବିଷୋଇ, ବିଧାୟିକା ସୂର୍ଯ୍ୟମଣି, ଜିଲା ପରିଷଦ ଉପାଧକ୍ଷା ସ୍ନେହଲତା ପଣ୍ଡା, ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, ଜିଲା ବିଜେଡି ସାଧାରଣ ସମ୍ପାଦକ ଅଶୋକ କୁମାର ମହାଙ୍କୁଡ, ବ୍ଲକ ଅଧକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା, ଉପାଧକ୍ଷା ବବିତା ରାଉଳ, ସୀତାରାମ ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ପ୍ରଭାତ କୁମାର ପଟ୍ଟନାୟକ, ଦୈତାରୀ ବେହେରା, ବ୍ଲକ ବିଜେଡି ସଭାପତି ଦିଗମ୍ବର ପାଣିଗ୍ରାହୀ, ଜିଲା ଯୁବ ବିଜେଡି ଉପ ସଭାପତି ଶୁଭ୍ରାଂଶୁ ଶେଖର ସାବତ, ପୁରୁଷୋତ୍ତମପୁର ଏସ୍ଡିପିଓ ସୂର୍ଯ୍ୟମଣି ପ୍ରଧାନ, ବିଡିଓ ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ରହ୍ମପୁର ବଡ ମେଡିକାଲ ବ୍ଲଡ ବ୍ୟାଙ୍କର ଡାକ୍ତର ଓ କର୍ମଚାରୀମାନେ ଯୋଗଦେଇ ୧୨୮ ଜଣଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ।

# ଶୁଖିଲା ପଡ଼ିଛି ଚାଷଜମି

ଦିଗପହଣ୍ଡି,୨୬।୮(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ବର୍ଷା ହେଉଛି। ହେଲେ ପାଣି ନାହିଁ, ସବୁ ପାଣି ଚାଷଜମି ଶୋଷି ନେଉଛି। ଅଗଷ୍ଟ ସରିବାକୁ ବସିଲାଣି ହେଲେ ଆବଶ୍ୟକ ପରିମାଣ ପାଣି ଅଭାବରୁ ଶୁଖିଲା ପଡ଼ିଛି। ସମଗ୍ର ବ୍ଲକ ଅଞ୍ଚଳର ସ୍ଥିତି ଉଦବେଗଜନକ ରହିଛି। ବର୍ଷା ଅଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ୨୪ ପଞ୍ଚାୟତ ଏବଂ ଗୋଟିଏ ଏନ୍ଏସିର ମୋଟ ୨୫୫୪୦ ହେକ୍ଟର ଚାଷଜମି ମଧ୍ୟରୁ ୧୬୫୫୦ ହେକ୍ଟର ଜମିରେ ଚଳିତ ବର୍ଷ ଖରିଫ ଧାନ ଚାଷ କରାଯିବା ନିମନ୍ତେ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

ଏଠାକାର ଲୋକେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରିଥାନ୍ତି। ଜମିରୁ ଧାନ ଅମଳ କରି ବର୍ଷସାରା କରିଥିବା ଋଣ ପରିଶୋଧ କରିଥାଏ। କିନ୍ତୁ ଆଷାଢ଼ ଯାଇ ଭାଦ୍ରବ ମାସ ହୋଇଥିଲେ ମଧ ଆବଶ୍ୟକ ବର୍ଷା ଅଭାବରୁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ପୂର୍ବରୁ ବର୍ଷା ହେବାରୁ ଚାଷୀ ଧାନ ତଳି ପାଇଁ ବିହନ ବୁଣିଥିଲା। କିନ୍ତୁ ବର୍ଷା ନ ହେବାରୁ ଧାନ ତଳି ସବୁ ପୋଡ଼ିଗଲା। ଉଠା ଜଳ ସେଚନ ପ୍ରକଳ୍ପ ଅଚଳ ହୋଇପଡିଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ବର୍ଷା ନ ହେଲେ ଧାନ ଗଛ ଜଳିପୋଡି ଧ୍ୱଂସ ପାଇଯିବା ଆଶଙ୍କା ସୃଷ୍ଟି ହେଲାଣି।

ଘୋଡାହାଡ ଡ୍ୟାମ ଆୟକଟ ଅନୁଯାୟୀ କେନାଲ ମାଧ୍ୟମରେ ପ୍ରାୟ ୭ ହଜାର ହେକ୍ଟର ଜମିରେ ଧାନଚାଷ ହେଉଥିବା ବେଳେ ବାକି ଚାଷ ଜମି ସବୁ କ୍ଷୁଦ୍ରଜଳସେଚନ ପ୍ରକଳ୍ପ ଭରସାରେ ଚାଷ ହୋଇଥାଏ। ସମ୍ପ୍ରତି ଏହି ବ୍ଲକର ଗଣିଆନାଳ, କହ୍ନେଇନାଳ କ୍ଷୁଦ୍ରଜଳସେଚନପ୍ରକଳ୍ପସମେତ୭୦ରୁଊର୍ଦ୍ଧ୍ୱ ଛୋଟ ବଡ଼ ପ୍ରକଳ୍ପ ଏବେ ଶୁଖିଲା ପଡିଛି।


ପଦ୍ମନାଭପୁର ଅଞ୍ଚଳରେ ଶୁଖି ଯାଇଛି ଚାଷଜମି।

### ଦିଗପହଣ୍ଡି ବ୍ଲକ ସ୍ଥିତି ଉଦ୍ବେଗଜନକ

ପଦ୍ମନାଭପୁର, କୈଁଠଡ଼ା, ସିଦ୍ଧେଶ୍ୱର, କୋଟିନଡ଼ା, ବାସୁଦେବପୁର, ଗୋକର୍ଣ୍ଣପୁର, କୁଶପଡ଼ା, ବି.ତୁରୁବୁଡି, ବଡଡୁମୁଳା, କରପଡ଼ା, ଜକର, ସହଦେବ ଟିକରପଡ଼ା, ଭିଷ୍ମଗିରି, ଫାଶିଗୁଡ଼ା ଆଦି ପଞ୍ଚାୟତ ଅଞ୍ଚଳରେ ଧାନ ଗଛ ସବୁ ଜଳିବାକୁ ବସିଲାଣି। ଆସନ୍ତା ୧ ସପ୍ତାହ ମଧରେ ବର୍ଷା ନ ହେଲେ ସମସ୍ତ ଚାଷଜମିରେ ରୁଆ ଯାଇଥିବା ଧାନତଳି ସବୁ ଉଜୁଡିଯିବ ବୋଲି ଏସବୁ ଅଞ୍ଚଳର ଚାଷୀମାନେ ଆଶଙ୍କା କଲେଣି। ବର୍ଷା ନ ହେଲେ ଧାନଚାଷ ପାଇଁ ମଧବର୍ତ୍ତି ସମୟରେ ଜଳସେଚନ ଜନିତ ସମସ୍ୟା ଉତ୍କଟ ହୋଇପାରେ ବୋଲି ପଦ୍ମନାଭପୁର ପଞ୍ଚାୟତ ସରପଞ୍ଚ ବି. କ୍ରିଷ୍ଣା ରାଓ ସୁବୁଦ୍ଧିଙ୍କ ସମେତ ଦିଗପହଣ୍ଡି ଘୋଡାହାଡ ପାଣି ପଞ୍ଚାୟତ ଜଳ ଶୀର୍ଷ କମିଟି ସଭାପତି ରମେଶ ଚନ୍ଦ୍ର ପାତ୍ର ଓ କୋଷାଧକ୍ଷ ରାମନାଥ ବିଷୋୟୀ କହିଛନ୍ତି।

# ପାଚେରି ନିର୍ମାଣରେ ଅଟକିଛି କଳିଙ୍ଗ ଶିଶୁ ପାର୍କ



କଳିଙ୍ଗ ଶିଶୁ ପାର୍କ।

ଆର.ଉଦୟଗିରି,୨୬।୮(ଡି.ଏନ.ଏ.)

ଗଜପତି ଜିଲା ମୋହନା ଏକ ଛୋଟ ଅଞ୍ଚଳ। ଏଠାରେ ହାରାହାରି ୫ ହଜାରରୁ ଅଧିକ ଲୋକ ବାସକରନ୍ତି। ଏହା ସହ ଏଠାରେ ସମସ୍ତ ସରକାରୀ କର୍ମଚାରୀ ବାସ କରନ୍ତି। ଏହି ଅଞ୍ଚଳରେ ଶିଶୁମାନଙ୍କ ବୌଦ୍ଧିକ ଜ୍ଞାନ ବୃଦ୍ଧି ନିମନ୍ତେ କଳିଙ୍ଗ ଶିଶୁ ପାର୍କ ନିର୍ମାଣ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ କିଛି ବର୍ଷ ପୂର୍ବେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କିନ୍ତୁ ଗଜପତି ଆଇଟିଡିଏ କେବଳ ପାର୍କର ପାଚେରି ନିର୍ମାଣ ସହ ମୁଖ୍ୟ ଦ୍ୱାର ନିର୍ମାଣ କରି ତାଲା ଝୁଲାଇ ରଖିଥିବା ଦେଖିବାକୁ ମିଳୁଛି। ଶିଶୁ ପାର୍କ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସ୍ଥାନୀୟ ଜନସାଧାରଣ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ଅନୁରୋଧ କରିଛନ୍ତି।

# ଗଞ୍ଜାମରେ ଆଉ ୨୦୨୪ କଳାକାର ସାମିଲ ହେବେ

ଛତ୍ରପୁର,୨୬।୮(ଡି.ଏନ.ଏ.)

### ମୁଖ୍ୟମନ୍ତ୍ରୀ କଳାକାର ପେନ୍ସନ ଯୋଜନା

ମୁଖ୍ୟମନ୍ତ୍ରୀ କଳାକାର ପେନ୍ସନ ସହାୟତା ଯୋଜନା ନିମନ୍ତେ ପୁଣି ଆବେଦନ ଆରମ୍ଭ ହୋଇଛି। ଅକ୍ଟୋବର ୩୦ ପର୍ଯ୍ୟନ୍ତ କଳାକାରମାନେ ଏଥିପାଇଁ ଆବେଦନ କରିପାରିବେ। ରାଜ୍ୟରେ ୨୦୧୮ ମସିହାରେ ଏହି ଯୋଜନା ଆରମ୍ଭ ହୋଇଥିବା ବେଳେ ବହୁ କଳାକାର କୌଣସି କାରଣରୁ ଏଥିରେ ସାମିଲ ହୋଇପାରି ନ ଥିଲେ। ଏ ନେଇ ଜିଲା ପ୍ରଶାସନ ନିକଟରେ ବହୁବାର ଅଭିଯୋଗ ହୋଇଥିଲା। ଯାହାଫଳରେ ଏହି ଯୋଜନାରେ ସାମିଲ ପାଇଁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗଞ୍ଜାମ ଜିଲାରେ ୨୦୧୮ରେ ୧୮୮୫ ଜଣ କଳାକାର ପେନ୍ସନ ଯୋଜନାରେ ସାମିଲ ହୋଇଥିଲେ। ମାସିକ ୧୨ଶହ ଟଙ୍କା ମିଳୁଛି। କେତେଜଣ କଳାକାରଙ୍କ ମୃତ୍ୟୁ ଘଟିଥିବାରୁ ଏବେ ୧୮୩୬ ଜଣ ଏହି ପେନସନ ପାଉଥିବା ଗଞ୍ଜାମ ଜିଲା ସଂସ୍କୃତି କାର୍ଯ୍ୟାଳୟରୁ ସୂଚନା ମିଳିଛି। ଯୋଜନାରେ ଜିଲାକୁ ୩୮୬୦ ଜଣ ସାମିଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ବେଳେ ଆଉ ୨୦୨୪ ଜଣ କଳାକାର ପେନସନ ଯୋଜନାରେ ସାମିଲ ହେବେ ବୋଲି ଜଣାପଡ଼ିଛି। ଗଞ୍ଜାମ ହେଉଛି କଳାର ଏନ୍ତୁଡିଶାଳ। ତେଣୁ ବହୁ କଳାକାର ଏହି ଯୋଜନାରେ ସାମିଲ ପାଇଁ ଚାହିଁ ବସିଥିବାରୁ ପୁଣି ବିଜ୍ଞପ୍ତି ବାହାରିଥିବାରୁ ଖୁସି ଜାହିର କରିଛନ୍ତି। କଳାର ସମୃଦ୍ଧି ପାଇଁ ଉଲେଖନୀୟ କାର୍ଯ୍ୟ କରିଥିବା ମାନ୍ୟତାପ୍ରାପ୍ତ ଅଭିଜ୍ଞ ତଥା ପ୍ରତିଷ୍ଠିତ ଏବଂ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ଥିବା କଳାକାରମାନଙ୍କୁ ଏହି ସହାୟତା ମିଳିବ। ଯୋଜନାରେ ସାମିଲ ପାଇଁ ପୁରୁଷ କଳାକାରଙ୍କ ବୟସ ୫୦ ଓ ମହିଳାଙ୍କ ବୟସ ସର୍ବନିମ୍ନ ୪୦ ବର୍ଷ ହୋଇଥିବା ଆବଶ୍ୟକ। କଳାକରମାନେ ଆବେଦନ ସମୟରେ ଦରଖାସ୍ତ ସହିତ ଆବଶ୍ୟକ ସମସ୍ତ ପ୍ରମାଣପତ୍ରର ନକଲ ସଂଲଗ୍ନ କରିବାକୁ ହେବ।

# ଦିବ୍ୟାଙ୍ଗ ନାବାଳକଙ୍କ ପରିବାରକୁ ଯୁବ ବିଜେଡି ନେତାଙ୍କ ସହାୟତା

ଗଞ୍ଜାମ,୨୬।୮(ଡି.ଏନ.ଏ.)

ଗଞ୍ଜାମ ସହରର ଯୁବ ସ୍ୱେଚ୍ଛାସେବୀ ତଥା ବିଜେଡି ନେତା ସୁଧୀର କୁମାର ପାଢ଼ୀଙ୍କ ବୁଧବାର ପୁଣିଥରେ ମାନବୀୟତା ଦେଖିବାକୁ ମିଳିଛି। ସୋସିଆଲ ମିଡ଼ିଆରୁ ଖବର ପାଇ ଜଣେ ୫ ବର୍ଷର ଦିବ୍ୟାଙ୍ଗ ନାବାଳକର ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିଜେଡି ଯୁବ ସଭାପତି ପାଢୀ, ନଗର ଛାତ୍ର ସଭାପତି ରାକେଶ ରଞ୍ଜନ ଦାଶ ଗଞ୍ଜାମ ସହରରୁ ୮୫ କିଲୋମିଟର ଅତିକ୍ରମ କରି ଧରାକୋଟ ବ୍ଲକ ଅନ୍ତର୍ଗତ ବାହାରପୁର ପଞ୍ଚାୟତର ଜଗନ୍ନାଥପୁର ଶାସନ ଗ୍ରାମର ଶିବରାମ ପ୍ରଧାନଙ୍କ ଘରକୁ ଯାଇଥିଲେ। ତାଙ୍କ ଦିବ୍ୟାଙ୍ଗ ନାବାଳକ ପୁତ୍ର ସାଇରାମଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ୫ ହଜାର ଆର୍ଥିକ ସହାୟତା ସହ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ମନୋଜ ପଣ୍ଡା, ପପୁ ପଣ୍ଡା, ମନୋଜ ପ୍ରଧାନ ପ୍ରମୁଖ ଗଞ୍ଜାମ ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ସହାୟତା କରାଯାଇଛି। ଏ ନେଇ ବିଭିନ୍ନ ମହଲରୁ ଯୁବନେତା ଦ୍ୱୟଙ୍କୁ ଉଚ୍ଚ ପ୍ରସଂଶା କରାଯାଇଛି।

# ପ୍ରଧାନମନ୍ତ୍ରୀ ସଡ଼କ ଅବସ୍ଥା ଶୋଚନୀୟ

ବୁଗୁଡ଼ା,୨୬।୮(ଡି.ଏନ.ଏ.)

ରାସ୍ତା ପାଲଟିଛି ମରଣଯନ୍ତା। ବୁଗୁଡ଼ା ଠାରୁ ଆମ୍ବପୁଆ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ଏହି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା କୁହାଯାଉଥିଲେ ହେଁ କେବଳ କାଗଜ କଲମରେ ଦେଖାଇ ଯନ୍ତ୍ରୀ ଓ ଠିକାଦାର ଲକ୍ଷାଧିକ ଟଙ୍କା ଚଳୁ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଶେଷ କରି ବୁଗୁଡ଼ାଠାରୁ ମୋଟାବାଡ଼ି ପର୍ଯ୍ୟନ୍ତ ପ୍ରାୟ ୧୨ କି.ମି. ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାସାରା ଖାଲଖମା ସାଙ୍ଗକୁ ବିଭିନ୍ନ ସ୍ଥାନରେ ପାଣି ଜମି ରହୁଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଏହା ଉପରେ ବୁଗୁଡ଼ା ବ୍ଲକ ରାମଣ୍ଡା, ଲକ୍ଷ୍ମୀପୁର, ସୁବୁଦ୍ଧିପଲ୍ଲୀ, ସୋଲଣ୍ଡି, ନାଗିରି, ଠଣାପଲ୍ଲୀ, ଡାକରାବାଡ଼ି ଓ ମୋଟାବାଡ଼ି ଆଦି ଗ୍ରାମର ବହୁ ଲୋକ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ତେବେ ଦୟନୀୟ ରାସ୍ତା ଅବସ୍ଥା ଯୋଗୁ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥି ସହ ଭଞ୍ଜନଗର ଉପଖଣ୍ଡ ଯିବାକୁ ଏହି ରାସ୍ତା ଉପରେ ଅନେକ ଲୋକ ନିର୍ଭର କରୁଥିବାରୁ ପ୍ରତିଦିନ ଏହି ରାସ୍ତାରେ ଦୁଇ ଚକିଆଠାରୁ ଆରମ୍ଭ କରି କାର, ବସ୍, ଟ୍ରକ, ଟ୍ରାକ୍ଟର ମଧ ଯାତାୟାତ କରୁଛି। କିନ୍ତୁ ଖାଲଖମା ଯୋଗୁ ଗାଡି ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଯାତ୍ରୀମାନେ ମଧ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେବେ ଖୁବ୍ଶୀଘ୍ର ଏହି ରାସ୍ତା ମରାମତି କରାଯିବ ବୋଲି ବିଭଗୀୟ ଯନ୍ତ୍ରୀ ଲୋକନାଥ ନାୟକ କହିଛନ୍ତି।


ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

# ବିଦେଶରେ ଚାକିରି ଦେବା ଆଳରେ ଠକେଇ

ହିଞ୍ଜିଳିକାଟୁ,୨୬।୮(ଡି.ଏନ.ଏ.)

ହିଞ୍ଜିଳିକାଟୁ ପଟଣାସାହିରେ ଆରାଉଣ୍ଡ ଦି ୱାର୍ଲ୍ଡ ଟ୍ରାଭେଲ ଏଜେନ୍ସି ନାମକ ଏକ ସଂସ୍ଥା ବହୁ ଯୁବତୀ,ଯୁବକଙ୍କୁ ବିଦେଶରେ ଚାକିରି ଦେବା ଆଳରେ ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଗୁରୁବାର ହଡ଼ପର ଶିକାର ଅନେକ ଯୁବକ ସଂସ୍ଥାର ପାଟଣାସାହି ଭଡ଼ାଘର ଅଫିସ ସାମ୍ନାରେ ପହଞ୍ଚି ପାଟିତୁଣ୍ଡ କରିଛନ୍ତି। ତେବେ ଉକ୍ତ ସଂସ୍ଥାର ମୁଖ୍ୟ ଓ ଅନ୍ୟ ସହଯୋଗୀ ଅଫିସରେ ତାଲା ଝୁଲାଇ ଫୋନ ଉଠାଉ ନଥିବା ବହୁ ଯୁବକ ଅଭିଯୋଗ କରିଛନ୍ତି। ଗତରାତିରେ ସଂସ୍ଥା ମୁଖ୍ୟ ଓ ଅନ୍ୟମାନେ ଉକ୍ତ ଅଫିସର ଆସବାବପତ୍ର ଗାଡ଼ିରେ ନେଇ ଚମ୍ପଟ ମାରିଛନ୍ତି। ଠକାମୀର ଶିକାର ହୋଇଥିବା ବହୁ ବ୍ୟକ୍ତି ହିଞ୍ଜିଳି ଥାନାରେ ଗୁରୁବାର ରାତିରେ ଅଭିଯୋଗ କରିଥିବା ଜଣାପଡ଼ିଛି। ତେବେ ଖବର ଲେଖାସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ଧାନଚାଷୀଙ୍କୁ ଘାସମରା ଯନ୍ତ୍ର ବଣ୍ଟନ

ପାରଳାଖେମୁଣ୍ଡି,୨୬।୮(ଡି.ଏନ୍.ଏ.)

ମୋହନା ବ୍ଲକ ଚନ୍ଦ୍ରଗିରି ପଞ୍ଚାୟତର ଆଦିବାସୀ ବହୁଳ କିରାସିଙ୍ଗି ଗ୍ରାମର ୨୫ ଜଣ ଧାନଚାଷୀଙ୍କୁ ବ୍ଲକ କୃଷି-ବିଭାଗ ପକ୍ଷରୁ ବୁଧବାର ମାଗଣାରେ ଘାସମରା ଯନ୍ତ୍ର ତଥା ମାଣ୍ଡୁଆ ଉଇଡର ବଣ୍ଟନ କରାଯାଇଛି। ୨୦୧୮ ଖରିଫ ଚାଷ ସମୟରେ କିରାସିଙ୍ଗି ଗ୍ରାମର ୨୫ ଜଣ ଧାନଚାଷୀଙ୍କ ନିମନ୍ତେ ବ୍ଲକ କୃଷି-ବିଭାଗ ପକ୍ଷରୁ ପୂର୍ବ ଭାରତର ସବୁଜ ବିପ୍ଳବ ଯୋଜନାରେ ୧୦ ହେକ୍ଟର ଜମିରେ ଧାନଚାଷ କରାଯାଇଥିଲା। ସେତେବେଳେ ହିତାଧିକାରୀମାନଙ୍କୁ ଏଥିପାଇଁ ୪୦୦ କେଜି ଧାନ ବିହନ ମାଗଣାରେ କୃଷି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିଲା। କିନ୍ତୁ କୋଣସି କାରଣରୁ ଚାଷୀଙ୍କୁ ଏହି ଘାସମରା ଯନ୍ତ୍ର ତଥା ମାଣ୍ଡୁଆ ଉଇଡର ଦିଆଯାଇ ନ ଥିଲା। ବୁଧବାର ଚନ୍ଦ୍ରଗିରି ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା କୃଷି ବିଭାଗର ରହିଥିବା ଗୋଦାମଗୃହ ପରିସରରେ ଗ୍ରାମ୍ୟ କୃଷି ସେବକ ତଥା ଭିଏଡବ୍ଲ୍ୟୁ କୈଳାସ ଚନ୍ଦ୍ର ଭୂୟାଁ ଓ କୃଷକ ସାଥୀ ଜଗନ୍ନାଥ ରଣାରାଓ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ଘାସମରା ଯନ୍ତ୍ର ବଣ୍ଟନ କରିଥିଲେ। ଅତି କମ ସମୟରେ ବିଲରେ ଚାଷ ସମୟରେ ଉଠିଥିବା ଘାସ ସବୁକୁ ବାଛି ଅଲଗା କରି ଦେବାରେ ଏହି ଯନ୍ତ୍ର ବିଶେଷ ସହାୟକ ହୋଇଥାଏ।

# ବୁଗୁଡ଼ା ଏନ୍ଏସିର ଋଣ ପ୍ରଦାନ ମେଳା


ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ।

ବୁଗୁଡ଼ା,୨୬।୮(ଡି.ଏନ.ଏ.)

ବୁଗୁଡା ଏନ୍ଏସି ତରଫରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିନ୍ଦୟାଲ ଅନ୍ତ୍ୟୋଦୟ ଯୋଜନା ଓ ମିଶନ ଶକ୍ତି ଯୋଜନାରେ ଋଣ ସହାୟତା ପ୍ରଦାନ କରାଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଶନ ଶକ୍ତି ମାଧ୍ୟମରେ ସଶକ୍ତ କରିବା ନିମନ୍ତେ ଗୁରୁବାର ଏନ୍ଏସି କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଉତ୍ସବରେ ଏହି ଋଣ ଅର୍ଥ ପ୍ରଦାନ କରାଯାଇଥିଲା। ଆର୍ଥିକ ଋଣ ସହାୟତା ଦ୍ୱାରା ଏନ୍ଏସିର ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହିତ ଛୋଟ ଛୋଟ କୁଟୀର ଶିଳ୍ପ ତଥା ଘରୋଇ ଉଦ୍ୟୋଗରେ ମହିଳାମାନଙ୍କୁ ଅଗ୍ରାଧିକାର ଦେବା ନିମନ୍ତେ ସେମାନଙ୍କୁ ଋଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, ସହରାଞ୍ଚଳ ମିଶନ ଶକ୍ତି ପରିଚାଳକ ବିଭୁ ପ୍ରସାଦ ରାଉତରାୟ ଓ ସ୍ଥାନୀୟ ଆକ୍ସିସ ବ୍ୟାଙ୍କ ସହ ଶାଖା ପରିଚାଳକ ସୌରଭ ଶୁଭ୍ରକାନ୍ତ ସ୍ୱାଇଁ ଉପସ୍ଥିତ ରହିଥିଲେ। ଗୋଷ୍ଠୀ ସଭ୍ୟାମାନଙ୍କ ସହ ସଭାନେତ୍ରୀଙ୍କ ଉପସ୍ଥିତିରେ ୧୩ ମହିଳା ଗୋଷ୍ଠୀ ଓ ୪ ବ୍ୟକ୍ତିଗତ ଋଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏନ୍ଏସି କର୍ମଚାରୀ କାଳୀ ଚରଣ ରଥ, ରାମକୃଷ୍ଣ ପଟ୍ଟନାୟକ, ଜଗଦୀଶ ପଣ୍ଡା ଓ ରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ଗୋପାଳନ କରିଛି ଆତ୍ମନିର୍ଭରଶୀଳ

ଫୁଲବାଣୀ ଅଫିସ, ୨୬।୮

କନ୍ଧମାଳ ଜିଲା ଫୁଲବାଣୀ ସହରର କାଳୀ ପ୍ରସନ୍ନ ବେହେରା ଗୋପାଳନ କରି ଆତ୍ମନିର୍ଭରଶୀଳ ହେବା ସହ କେତେକ ପରିବାରକୁ ରୋଜଗାର ସୁଯୋଗ ହୋଇଛନ୍ତି। ମାତ୍ର ୨ଟି ଗାଈରୁ ରୋଜଗାର ପନ୍ଥା ବାହାର କରିଥିବା କାଳୀ ପ୍ରସନ୍ନ ଏବେ ଫାର୍ମରେ ୬୪ଟି ଗାଈବାଛୁରୀ ରଖିଛନ୍ତି। ଧବଳେଶ୍ୱରୀ ଗୋ-ଆଶ୍ରମ ବା ଫାର୍ମ କରି ସେ ନିଜେ ସ୍ୱାବଲମ୍ବୀ ହେବା ସହ ତାଙ୍କର ୪ ଭାଇ ଏବଂ ଅନ୍ୟ ୩ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ନିଜର ନିଷ୍ଠା ଏବଂ ଉଦ୍ୟମ ଯୋଗୁ ରାଜ୍ୟ ଏବଂ ଜାତୀୟସ୍ତରରେ ବି ପୁରସ୍କାର ପାଇଛନ୍ତି।

ଫୁଲବାଣୀ ସହରକୁ ୧୯୯୨ ମସିହାରେ କାଳୀ ପ୍ରସନ୍ନ ଆସିଥିଲେ। ତାଙ୍କ ଖୁଡୀ ନବୋଦୟ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଥିଲେ। ସେ ଦୁଇଟି ଗାଈ ରଖିଥିଲେ। ଅଧିକ ପାଠ ପଢ଼ି ନ ଥିବାରୁ କାଳୀପ୍ରସନ୍ନ ଜଗତସିଂହପୁର ଜିଲାରୁ ଫୁଲବାଣୀ ଆସି ଦାଦା ଖୁଡୀଙ୍କ ପାଖରେ ରହିଥିଲେ। ଏଠାରେ ଗାଈ କାମ କରିବାରେ ଦୁଗ୍ଧ ବ୍ୟବସାୟ ପ୍ରତି ତାଙ୍କର ମନ ବଳିଥିଲା।

### ଅନ୍ୟଙ୍କୁ ଦେଇଛନ୍ତି ରୋଜଗାର

ଖୁଡୀଙ୍କର ବଦଳି ହେବାରୁ ସେ ଅନ୍ୟତ୍ର ପଳାଇଲେ। କାଳୀପ୍ରସନ୍ନ ଏଠାରେ ରହି ୧୯୯୭ରେ ଆରମ୍ଭ କରିଥିଲେ ଧବଳଶ୍ରୀ ଗୋ-ଆଶ୍ରମ। ଫୁଲବାଣୀ ସହରର ପ୍ରାୟ ଅଧିକାଂଶ ଲୋକଙ୍କ ଘରକୁ କାଳୀ କ୍ଷୀର ଯୋଗାଉଛନ୍ତି। ଏବେ ତାଙ୍କ ଫାର୍ମରୁ ଦୈନିକ ପ୍ରାୟ ୨୦୦ ଲିଟର କ୍ଷୀର ଉତ୍ପାଦନ ହେଉଛି। ଏଥିସହ ଅନ୍ୟ ଛୋଟ ଚାଷୀଙ୍କଠାରୁ ମଧ ସେ କ୍ଷୀର କିଣୁଛନ୍ତି। ତ୍ରିନାଥ ବଜାରରେ ତାଙ୍କର ଏକ ଦେକାନରେ ପନୀର, କ୍ଷୀର, ଦହି ଆଦି ବିକ୍ରି ହେଉଛି। ଫାର୍ମ ରୋଜଗାରରେ କାଳୀପ୍ରସନ୍ନ ନିଜର ୩ ଭଉଣୀଙ୍କୁ ବିବାହ କରାଇଛନ୍ତି। ସବୁ ଭାଇ ମିଶି ମାସକୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ରୋଜଗାର କରୁଛନ୍ତି। କାଳୀପ୍ରସନ୍ନ ଘରେ ଏକ ବାୟୋ ଗ୍ୟାସ ପ୍ଲାଣ୍ଟ କରିଛନ୍ତି। ଏଥିରୁ ବାହାରୁଥିବା ବର୍ଜ୍ୟରୁ ଖତ ତିଆରି କରି ବିକ୍ରି କରୁଛନ୍ତି। ଘର ପାଇଁ ଅଗଣାରେ କରିଥିବା ପରିବା ଚାଷରେ ଏହି ଖତ ବ୍ୟବହାର କରାଯାଉଛି। ନିଜର ନିଷ୍ଠା ଓ ଅଧ୍ୟବସାୟ ପାଇଁ କାଳୀପ୍ରସନ୍ନ ୨୦୧୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଖରୁ ୫୧ ହଜାର ଟଙ୍କା ପୁରସ୍କାର ରାଶି ପାଇଥିଲେ। ସରକାର ଅଧିକ ପ୍ରୋତ୍ସାହନ ଦେଲେ ଆହୁରି ଆଗକୁ ବଢ଼ିପାରନ୍ତେ ବୋଲି କାଳି ପ୍ରସନ୍ନ କହିଛନ୍ତି।



ଗାଈ ଫାର୍ମରେ କାଳି ପ୍ରସନ୍ନ ବେହେରା।

